

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 NOVEMBER 2022
Vol.No. 33 ■ No. 289 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଧାମନଗର ଉପ-ନିର୍ବାଚନ ଜିତିଲା ବିଜେପି

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଧାମନଗର ଉପନିର୍ବାଚନରେ ବିଜେପିର ବାଜିମାତ । ଧାମନଗରବାସୀଙ୍କୁ ମିଳିଲେ ନୂଆ ବିଧାୟକ । ବିଜୟୀ ହେଲେ ଦିବଙ୍ଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ତଥା ବିଜେପି ପ୍ରାର୍ଥୀ ସୂରଜ ସୂର୍ଯ୍ୟବଂଶୀ । ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ସୂରଜ ସୂର୍ଯ୍ୟବଂଶୀ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କଠାରୁ ୯ ହଜାର ୮୮୧ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ସୂରଜଙ୍କୁ ୮୦ ହଜାର ୩୫୧ ଭୋଟ ମିଳିଥିବାବେଳେ ଅବନ୍ତୀଙ୍କୁ ମିଳିଛି ୭୦ ହଜାର ୪୭୦ ଭୋଟ୍ । ତେବେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ପାଇଛନ୍ତି ୮ହଜାର ୧୫୩ ଭୋଟ । କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀଙ୍କୁ ମିଳିଛି ମାତ୍ର




୩୫୬୧ ଖଣ୍ଡ ଭୋଟ । ୨୦୧୯ରେ ଦିବଙ୍ଗତ ବିଧାୟକ ବିଷ୍ଣୁ ସେଠୀ ଯେତିକି ଭୋଟ ପାଇଥିଲେ ତାଠୁ ଅଧିକ ଭୋଟ ପାଇଛନ୍ତି ସୂରଜ । ଭୋଟ ବ୍ୟବଧାନ ମଧ୍ୟ ଅଧିକ ହୋଇଛି । ଏଥିସହ ବିଜେଡିର ଉପ ନିର୍ବାଚନ ବିଜୟଧାରାରେ ବ୍ରେକ ଲାଗିଛି । ବିଜୟୀ ହେବା ପରେ ଧାମନଗରବାସୀଙ୍କୁ ଶ୍ରେୟ ଦେଇଛନ୍ତି ସୂରଜ ସୂର୍ଯ୍ୟବଂଶୀ । କହିଛନ୍ତି ଏହି ବିଜୟ ଧାମନଗରବାସୀଙ୍କର, ସେ ନିମିତ୍ତ ମାତ୍ର । ଅନ୍ୟପଟେ ସୂରଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି, ଧାମନଗରରେ ଉପ ନିର୍ବାଚନରେ ଧର୍ମର ବିଜୟ ହୋଇଛି । ଉପ-ନିର୍ବାଚନ ପରେ ଉପ-ନିର୍ବାଚନ ଜିତିଆସୁଥିବା ବିଜେଡିର ବିଜୟ ଧାରା ଧାମନଗରରେ ଆସି ଅଟକିଯାଇଛି । ନିର୍ବାଚନ ଫଳାଫଳ ପୂର୍ବରୁ ଯେଉଁ ଦାବି କରୁଥିଲା ବିଜେଡି, ତାର ଠିକ୍ ଓଲଟା ପରିଣାମ ଦେଇଛି ବାଇ-ଇଲେକସନ୍ ରେଜଲ୍ଟ । ଦୀର୍ଘ ୨୨ ବର୍ଷ ଧରି କ୍ଷମତାରେ ରହି ଆସିଥିବା ଶାସକ ଦଳ, ୨୦୦୮ ପରଠାରୁ କୌଣସି ଉପ-ନିର୍ବାଚନ ହାରିନଥିବା ବିଜେଡି, ଧାମନଗରରେ ହାରିଲା କାହିଁକି ? ନଜର ପକାନ୍ତୁ, ପରାଜୟର କିଛି ପ୍ରମୁଖ କାରଣ ଉପରେ । ଦଳୀୟ ସଂଗଠନ ସହ ଜଡ଼ିତ ଥିବା ପ୍ରାର୍ଥୀଙ୍କ ବଦଳରେ ମହିଳା କାର୍ଡ ଖେଳିବା ଲକ୍ଷ୍ୟରେ ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କଲା ବିଜେଡି । ଯାହା, ଦଳ ଭିତରେ ଥିବା ଅସନ୍ତୋଷକୁ ପଦାରେ ପକାଇଲା ଓ ବିଦ୍ରୋହୀ ପ୍ରାର୍ଥୀଙ୍କୁ ମୁଣ୍ଡ ଟେକିବାର ସୁଯୋଗ ସୃଷ୍ଟି କଲା । ଆଉ ୨୦୧୯ରେ ବିଜେଡିର ପ୍ରାର୍ଥୀ ଥିବା ରାଜେନ୍ଦ୍ର ଦାସ, ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେଲେ । ରାଜେନ୍ଦ୍ର ଦାସ ବିଜେଡି ପାଇଁ କେତେ ଘାତକ ସାବ୍ୟସ୍ତ ହେଲେ ତାହା ଫଳାଫଳ ଗଣିତରେ ସ୍ପଷ୍ଟ ବାରି ହୋଇପଡୁଛି । ବିଜେଡି ଓ ବିଜେପି ମଧ୍ୟରେ ଥିବା ଭୋଟ୍ ବ୍ୟବଧାନ, ରାଜେନ୍ଦ୍ର ଦାସ ପାଇଥିବା ଭୋଟ୍ ସଂଖ୍ୟା ସହ ପ୍ରାୟ ସମାନ । ଦୀର୍ଘ ୨୨ ବର୍ଷ ଧରି କ୍ଷମତାରେ ରହିବା ପରେ ▶▶ପୃଷ୍ଠା ୭

# ଉପନିର୍ବାଚନ : ୬ଟି ରାଜ୍ୟର ୭ଟି ଆସନରୁ ବିଜେପି ଦଖଲରେ ୪ ଆସନ

ନୂଆଦିଲ୍ଲୀ, ୦୬/୧୧ : ଓଡ଼ିଶା ସମେତ ୬ଟି ରାଜ୍ୟର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ଉପ ନିର୍ବାଚନର ଫଳାଫଳ ଆଜି ଘୋଷଣା କରାଯିବ । ନିର୍ବାଚନ କମିଶନଙ୍କ ଔପଚାରିକ ଘୋଷଣା ପୂର୍ବରୁ ବିଜେପି ୪ଟି ସିଟ୍‌ରେ ବାଜି ମାରିଥିବା ଗଣତିରୁ ଜଣାପଡ଼ିଛି । ଓଡ଼ିଶାର ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ସହ ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ତେଲେଙ୍ଗାନା ଏବଂ ହରିୟାଣାରେ ବିଧାନସଭା ଉପନିର୍ବାଚନ ହୋଇଥିଲା । ମହାରାଷ୍ଟ୍ରର ଅନ୍ଧେରି ପୂର୍ବ ଆସନ, ବିହାରର ମୋକମା ଏବଂ ଗୋପାଳଗଂଜରେ, ହରିୟାଣାର ଆଦମପୁର, ଉତ୍ତରପ୍ରଦେଶର ଗୋଲା ଗୋକରନ୍ନାଥ ଏବଂ ତେଲେଙ୍ଗାନାର ମୁନୁଗୋଡ଼ାରେ ଆସନରେ ମତଦାନ ହୋଇଥିଲା । ଉତ୍ତରପ୍ରଦେଶର ଗୋଲା ଗୋକରନାଥ ଆସନରେ ବିଜେପିର ଅମନ ଗିରି ବିଜୟୀ ହୋଇଛନ୍ତି । ହରିୟାଣାର ଆଦମପୁର ଆସନରେ ବିଜେପିର ଭବ୍ୟା ବିଷ୍ଣୋଇ ମଧ୍ୟ ବିଜୟୀ ହୋଇଛନ୍ତି । ବିହାରର ଗୋପାଳଗଞ୍ଜ ଆସନରୁ ବିଜେପିର କୁସୁମ ଦେବୀ ମଧ୍ୟ ବିଜୟୀ ହୋଇଛନ୍ତି । ସେହିପରି ଧାମନଗର ▶▶ପୃଷ୍ଠା ୭



# ରାଜଧାନୀରେ ମନା ଡିଜେଲ କାର୍

ନୂଆଦିଲ୍ଲୀ, ୦୬/୧୧ : ଏଣିକି ଆଉ ରାଜଧାନୀରେ ଗଡି ପାରିବନି ଡିଜେଲ କାର୍ । କେବଳ ବିଏସ୍-୬ କର୍‌କୁ ହିଁ ମିଳିବ ଅନୁମତି । ଲଗାତର ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ପୁରୁଣା ଡିଜେଲ କାର୍ ଉପରେ ପ୍ରତିବନ୍ଧକ ଲଗାଯାଇଛି । ବିଏସ୍-୬ ମାନକ ତଳେ ଥିବା କାର୍ ଯଦି ଗଡେ ତେବେ ୨୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ଏନେଇ ଦିଲ୍ଲୀ ପରିବହନ ବିଭାଗ ସୂଚନା ଦେଇଛି । ମେସେଜ ଜରିଆରେ କାର୍ ମାଲିକଙ୍କୁ ଏନେଇ ସୂଚିତ କରି ଦିଆଯାଇଛି । ପାଗ ଭଲ ନହେବା ପର୍ଯ୍ୟନ୍ତ ଭୁଲରେ ଏଭଳି ଯାନ ସହିତ ରାସ୍ତାରେ ଯାଆନ୍ତୁ ନାହିଁ ବୋଲି ଚେତାବନୀ ଦିଆଯାଇଛ । ଏହି ପରି ପରିବହନ ବିଭାଗ ପାଞ୍ଚ ଲକ୍ଷରୁ ଅଧିକ ଗାଡି ମାଲିକଙ୍କ ନିକଟକୁ ମେସେଜ ପଠାଇଛି । ଦିଲ୍ଲୀ ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦିଲ୍ଲୀରେ ପଞ୍ଜୀକୃତ ଯେତିକି ଗାଡି ଅଛି ତାହା ବିଏସ୍-୬ ମାନକ ପୂରଣ କରୁନାହିଁ । ଦିଲ୍ଲୀରେ ପ୍ରଦୂଷଣ ସ୍ତର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ଏପରି ସ୍ଥିତିରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବିଏସ୍-୬ ଠାରୁ କମ୍ ମାନକ ଥିବା ସମସ୍ତ ଡିଜେଲ କାର୍ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରାଯାଏ ତେବେ ଗାଡି ମାଲିକଙ୍କୁ ୨୦ ହଜାର ଟଙ୍କା ଫାଇନ୍ ଦେବାକୁ ପଡିବ ବୋଲି କୁହାଯାଇଛି । ଦିଲ୍ଲୀରେ ଲଗାତର ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି ।

# ଯୁଦ୍ଧ ଲଢ଼, ନହେଲେ ଗୁଳି ଖାଅ !

ମସ୍କୋ, ୦୬/୧୧ : ଯୁଦ୍ଧ ଲଢ଼, ନହେଲେ ଗୁଳି ଖାଅ । ରୁଷ ସୈନିକଙ୍କ ପାଇଁ ଏଭଳି କିଛି କର ବା ମର ପରିସ୍ଥିତି ସୃଷ୍ଟି କରିଛନ୍ତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ୟୁକ୍ରେନ ବିରୋଧରେ ଯୁଦ୍ଧ ବେଳେ ଦେଖିବାକୁ ମିଳିଛି ପୁଟିନଙ୍କ ଆଉ ଏକ ରୂପ । ଯୁଦ୍ଧରେ ଯେଉଁ ରୁଷ ସୈନ୍ୟ ପଛଘୁଞ୍ଚା ଦେଉଛନ୍ତି ତାଙ୍କୁ ଗୁଳି ମାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବ୍ରିଟେନର ପ୍ରତିରକ୍ଷା ମନ୍ତ୍ରାଳୟ ଏପରି କିଛି ଦାବି କରିଛି । ବ୍ରିଟେନ ଦାବି କରିଛି ଯେ, ରୁଷର ରାଷ୍ଟ୍ରପତି ପୁଟିନ ୟୁକ୍ରେନ ସହ ଚାଲିଥିବା ଯୁଦ୍ଧରୁ ପଛକୁ ଫେରି ଆସିଥିବା ସୈନିକମାନଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ରୁଷ ଏଥିପାଇଁ ଏକ ସ୍ୱତନ୍ତ୍ର ୟୁନିଟ୍ ନିୟୋଜିତ କରିଛି । ରୁଷ ସେନା ମଧ୍ୟରେ ଯୁଦ୍ଧକୁ ନେଇ ଉତ୍ସାହ ଏବଂ ମନୋବଳ ହ୍ରାସ




ପାଇଥିବାରୁ ପୁଟିନ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି । ରିପୋର୍ଟ ମୁତାବକ, ଯଦି ଚେତାବନୀ ଦେବା ପରେ ମଧ୍ୟ ସୈନିକମାନେ ମାନିବାକୁ ପ୍ରସ୍ତୁତ ନହୁଅନ୍ତି ତେବେ ସେମାନଙ୍କୁ ଗଳି କରିବାକୁ ମଧ୍ୟ ପୁଟିନ କହିଛନ୍ତି । ଖବର ଅନୁଯାୟୀ, ଖାର୍ସେନରେ ୟୁକ୍ରେନ ସୈନ୍ୟମାନଙ୍କର ବଢୁଥିବା ପ୍ରଭାବକୁ ଦେଖି ଯୁଦ୍ଧରୁ ଓହରିଯିବାକୁ ଅନୁରୋଧ କରୁଛନ୍ତି ପୁଟିନଙ୍କ ସୈନ୍ୟ । ଯାହାକୁ ପୁଟିନ ଗ୍ରହଣ କରୁନାହାନ୍ତି । ସେପ୍ଟେମ୍ବର ମାସରେ ରୁଷକୁ ମିଳିଥିବା ବଡ ବିଫଳତା ଓ ୟୁକ୍ରେନ୍ ପୁଣିଥରେ ନିଜ ଅଞ୍ଚଳକୁ କବ୍‌ଜା କରିବା ପରେ ରୁଷ ସୈନିକଙ୍କ ମନୋବଳ ଭାଙ୍ଗି ଯାଇଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି ।

# ପାଣି ଭିତରେ ପ୍ଲେନ୍ କ୍ରାଶ ଘଟଣା: ୧୯ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୦୬/୧୧ : ପାଣି ଭିତରେ ପ୍ଲେନ୍ କ୍ରାଶ ଘଟି ୧୯ ଜଣଙ୍କର ମୃତ୍ୟୁ । ମୱାନଜାରୁ ବୁକୋବା ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନ ତାଞ୍ଜାନିଆର ଲେକ ଭିକ୍ଟୋରିଆ ହ୍ରଦରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ୨୩ ଜଣଙ୍କୁ ଉଦ୍ଧାର କରାଯାଇଛି । ବିମାନରେ ୪୯ ଜଣ ଯାତ୍ରୀ ଥିଲେ । ତାଞ୍ଜାନିଆରେ ରବିବାର ବିମାନଟି ବିମାନବନ୍ଦରରେ ଅବତରଣ ପୂର୍ବରୁ ହ୍ରଦରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରିସିଜନ୍ ଏୟାରଲାଇନ୍ସର ଘରୋଇ ବିମାନ ଯେଉଁ ସମୟରେ ବୁକୋବାରେ ଅବତରଣ କରିବାକୁ ଯାଉଥିଲା, ଠିକ୍ ସେହି ସମୟରେ ପାଇଲଟ୍ ନିୟନ୍ତ୍ରଣ ହରାଇଥିଲେ ଓ ବିମାନଟି ଏୟାରପୋର୍ଟ ନିକଟରେ ଥିବା ଭିକ୍ଟୋରିଆ ହ୍ରଦରେ ଖସି ପଡ଼ିଥିଲା । ସୂଚନା ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ବୁଡ଼ିଯାଇଥିବା ଯାତ୍ରୀଙ୍କୁ ଉଦ୍ଧାର ପାଇଁ ଅପରେଶନ ଜାରି ରହିଛି । ବିମାନ ଦୁର୍ଘଟଣାର ଭିଡିଓ ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି । ଏହି ଦୃଶ୍ୟ ସୋଶାଲ ମିଡିଆରେ ଭାଇରାଲ ହୋଇଛି । ଆଫ୍ରିକାର ସର୍ବବୃହତ ହ୍ରଦ ଲେକ ଭିକ୍ଟୋରିଆରେ ବିମାନଟି ଅଧା ବୁଡ଼ି ରହିଥିବାର ଦୃଶ୍ୟ ସାମ୍ନାକୁ ଆସିଛି । ପ୍ରେସିଜନ ଏୟାର ହେଉଛି ତାଞ୍ଜାନିଆର ସର୍ବବୃହତ ଏୟାରଲାଇନ ।

# ୧୫ ତାମିଲନାଡୁ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଭାରତୀୟ ନୌସେନା

ନୂଆଦିଲ୍ଲୀ, ୦୬/୧୧ : ଶ୍ରୀଲଙ୍କା ନୌସେନା ଶନିବାର ତାମିଲନାଡୁର ୧୫ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଶ୍ରୀଲଙ୍କା ଜଳଭାଗରେ ଏମାନେ ମାଛ ଧରିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେମାନଙ୍କଠାରୁ ଦୁଇଟି ଡଙ୍ଗା ଜବତ କରାଯାଇଛି । ଶନିବାର ସନ୍ଧ୍ୟାରେ ପ୍ରାୟ ୨୫୦୦ମତ୍ସ୍ୟଜୀବୀ ୪୦୦ ଡଙ୍ଗାରେ ମାଛ ଧରିବାକୁ ଯାଇଥିଲେ । କିନ୍ତୁ ସେମାନେ ଦାବି କରିଛନ୍ତି ଯେ, ଧନୁଷ୍କୋଡି ଏବଂ ଥାଲାମନାନାର ନିକଟରେ ମାଛ ଧରିବାବେଳେ ଶ୍ରୀଲଙ୍କା ନୌସେନାର ପାଟ୍ରୋଲିଂ ବୋଟ୍ ସେମାନଙ୍କୁ ଘେରିଯାଇ ଗୋଡ଼ାଇଥିଲେ । ଏହି ରେଡ୍‌ରେ ପାଖାପାଖି ୧୫ ଜଣ ମତ୍ସ୍ୟଜୀବୀ ଧରାପଡିଥିଲେ । ସାମୁଦ୍ରିକ ସୀମା ପାର ହେବା ଅଭିଯୋଗରେ ସେମାନଙ୍କର ଦୁଇଟି ଡଙ୍ଗା ଜବତ କରାଯାଇଛି । ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ପରେ ସେମାନଙ୍କୁ ଥାଲାଇମନ୍ନାର ନେଭି କ୍ୟାମ୍ପକୁ ନିଆଯାଇଛି । ଶ୍ରୀଲଙ୍କା ନୌସେନା ଯାଞ୍ଚ କରିବା ପରେ ଏମାନଙ୍କୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯିବ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଗିରଫ ୧୫ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଜଣେ ୧୨ ବର୍ଷ ନାବାଳକ ବି ରହିଛି । ତେଣୁ ଗିରଫମାନଙ୍କୁ ଉଦ୍ଧାର କରିବା ପାଇଁ ମତ୍ସ୍ୟଜୀବୀ ପରିବାର ଲୋକେ ଦାବି କରିଛନ୍ତି । ଭାରତୀୟ ମତ୍ସ୍ୟଜୀବୀମାନେ ତାଙ୍କ ଜଳସୀମାରେ ପ୍ରବେଶ କରିଥିବା ଶ୍ରୀଲଙ୍କା ଅଭିଯୋଗ କରିଥିଲେ ମଧ୍ୟ ମତ୍ସ୍ୟଜୀବୀ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।



# ଧାମନଗର ଉପନିର୍ବାଚନରେ ଧର୍ମର ଜୟ, ମାତୃଶକ୍ତି ଏବଂ ଯୁବଶକ୍ତିର ବିଜୟ ହୋଇଛି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଧାମନଗର ଉପନିର୍ବାଚନରେ ଧର୍ମର ଜୟ ହୋଇଛି । ଏହି ବିଜୟ ଦ୍ୱାରା ମାତୃଶକ୍ତି ଏବଂ ଯୁବଶକ୍ତିର ବିଜୟ ହୋଇଛି ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହ ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧାମନଗର ଉପନିର୍ବାଚନରେ ବିଜୟୀ ହୋଇଥିବା ନିଜ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଉପନିର୍ବାଚନରେ ଧର୍ମର ଜୟ ତଥା ଧାମନଗରର ବିଜୟ ହୋଇଛି । ଗଣତନ୍ତ୍ରର ବିଜୟ ହୋଇଛି । ଏହି ବିଜୟ, ଧାମନଗରର ମାତୃଶକ୍ତି, ଯୁବଶକ୍ତିର ବିଜୟ । ସ୍ୱର୍ଗୀୟ ବିଷ୍ଣୁ ଭାଇଙ୍କ ପ୍ରତି ଅଂଚଳବାସୀଙ୍କର ଥିବା ଭଲ ପାଇବା, ସ୍ନେହ ଓ ଶ୍ରଦ୍ଧାର ବିଜୟ । ଓଡ଼ିଆ ସ୍ୱାଭିମାନର ବିଜୟ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦରୁ ଜନସାଧାରଣଙ୍କ ଭଲ ପାଇବା ଓ ଆମ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ସାର୍ଥକ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତିଫଳନ ହୋଇଛି । ଆମ ଦଳକୁ ବିଜୟୀ କରିଥିବା ଧାମନଗରବାସୀଙ୍କୁ ଶ୍ରୀ ପ୍ରଧାନ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରିବା ସହ ▶▶ପୃଷ୍ଠା ୭




# ଭୂକମ୍ପରେ ଦୋହଲିଲା ଦେବଭୂମି

ଡେରାଡୁନ, ୦୬/୧୧ : ଭୂକମ୍ପରେ ଦୋହଲିଥିଆ ଦେବଭୂମୀ ଉତ୍ତରାଖଣ୍ଡ । ରବିବାର ସକାଳୁ ଉତ୍ତରକାଶୀ ଜିଲ୍ଲାରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତିବ୍ରତା ୪.୫ ରେକର୍ଡ କରାଯାଇଛି । ଉତ୍ତରକାଶୀ ଠାରୁ ୧୭ କିଲୋମିଟର ଦୂରରେ ଭୂମିକମ୍ପର କେନ୍ଦ୍ରସ୍ଥଳୀ ରହିଛି । ଏଠାରେ ଗୋଟିଏ ସପ୍ତାହରେ ଦୁଇ ଥର ଭୂକମ୍ପ ଅନୁଭୂତ ହୋଇଛି । ରିପୋର୍ଟ ଅନୁଯାୟୀ, ଉତ୍ତରାଖଣ୍ଡର ୩ଟି ଜିଲ୍ଲା ତଥା ଉତ୍ତରକାଶୀ, ଡେରାଡୁନ୍ ଓ ଟେହରୀରେ ଭୂମିକମ୍ପ ଅନୁଭୂତ ହୋଇଛି । ଉତ୍ତରକାଶୀ, ଟେହରୀ ଜିଲ୍ଲାରେ ସକାଳ ୮ଟା ୩୩ ମିନିଟରେ ଝଟକା ଲାଗିଥିଲା । ଏହାର କେନ୍ଦ୍ରସ୍ଥଳୀ ଉତ୍ତରକାଶୀ ଠାରୁ ୧୭ କିଲୋମିଟର ଦୂରରେ ରହିଥିବାବେଳେ ସ୍ଥଳଭାଗର ୫ କିଲୋମିଟର ଗଭୀରତା ପର୍ଯ୍ୟନ୍ତ ରହିଛି । ତେବେ ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନାହିଁ । କିନ୍ତୁ ଭୂମିକମ୍ପ ଲାଗି ଲୋକେ ଭୟଭୀତ ହୋଇପଡିଛି । କେବଳ ଭାରତ ନୁହେଁ ଚୀନରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ପୂର୍ବରୁ ୧ ନଭେମ୍ବରରେ ମଧ୍ୟପ୍ରଦେଶର ଜବଲପୁର ସହିତ ଏହାର ଆଖପାଖ ଅଞ୍ଚଳରେ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ତିବ୍ରତା ୪.୩ ରେକର୍ଡ କରାଯାଇଥିଲା । ଏହାର କେନ୍ଦ୍ରସ୍ଥଳୀ ପଚମଢ଼ୀ ଠାରୁ ୨୧୬ କିଲୋମିଟର ଦୂରରେ ରହିଥିଲା ।

# ଭାରତ ସେମିଫାଇନାଲରେ ଭେଟିବ ଇଂଲଣ୍ଡକୁ

ନୂଆଦିଲ୍ଲୀ, ୦୬/୧୧ : ଆଜି ଭାରତ-ଜିମ୍ବାୱେ ଶେଷ ଲିଗ ମ୍ୟାଚରେ ବାଜି ମାରି ନେଇଛି ଭାରତ । ଭାରତ ଏହି ମ୍ୟାଚରେ ଜିମ୍ବାୱେକୁ ୭୧ ରନରେ ପରାସ୍ତ କରିଛି । ଏହାସହ ଭାରତ ଗ୍ରୁପ ବିରେ ଟେବୁଲର ଶୀର୍ଷରେ ରହିଛି । ତେଣୁ ଭାରତ ଏବେ ସେମିଫାଇନାଲରେ ଇଂଲଣ୍ଡକୁ ଭେଟିବ । ତେବେ ୧୦ ତାରିଖରେ ଭାରତ ସେମି ଫାଇନାଲରେ ଇଂଲଣ୍ଡକୁ ଭେଟିବ । ଏହି ମ୍ୟାଚରେ ଟସ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ ଦୁଇ ଓପନର ଭଲ ଆରମ୍ଭ କରିଥିଲେ ମଧ୍ୟ ଶୀଘ୍ର ୱିକେଟ ପତନ ଘଟିଥିଲା । ହେଲେ ଏହାରି ଭିତରେ କେଏଲ ରାହୁଲ ୫୧ ରନ କରି ଅର୍ଦ୍ଧଶତକ ମାରିଥିଲେ । ସେହିପରି ସୂର୍ଯ୍ୟ କୁମାର ମଧ୍ୟ ଶେଷ ଓଭର ଯାଏଁ ବିସ୍ଫୋରକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ । ଫଳରେ ଭାରତ ୧୮୬ ରନର ବଡ ସ୍କୋର କରିବାରେ ସଫଳ ହୋଇଥିଲା । ୧୮୭ ରନର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିବା ଜିମ୍ବାୱେ ଦଳର କିନ୍ତୁ ଆରମ୍ଭରୁ ବିପର୍ଯ୍ୟ ଘଟିଥିଲା । ଦଳ ପକ୍ଷରୁ ରୟାନ ବୁର୍ଲ ୩୫ ଓ ସିକନ୍ଦର ରାଜା ୩୪ ରନ କରିଥିଲେ । ଫଳରେ ଦଳ ୧୭ ଓଭର ୨ଟି ବଲ ଖେଳି ଅଲଆଉଟ ହୋଇଯାଇଥିଲା ।



# ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ବରଗଡ଼ ଜିଲ୍ଲାର ୧-ପଦମ୍ପୁର ବିଧାନସଭା ଆସନ ପାଇଁ ଆସନ୍ତା ଡିସେମ୍ବର ୫ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରେସ୍‌ବିଜ୍ଞପ୍ତିରୁ ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବରଗଡ଼ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଏବଂ ଉପନିର୍ବାଚନ ସହ ଜଡ଼ିତ ଥିବା ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ପ୍ରସ୍ତୁତି ବୈଠକ କରିଥିଲେ । ଉପନିର୍ବାଚନକୁ ପ୍ରଶାସନ ପାଖରେ ଖୁବ୍ କମ୍ ସମୟ ଥିବରୁ ନିର୍ବାଚନ ପରିଚାଳନା ଯୋଜନା ଖୁବ୍‌ଶୀଘ୍ର ପ୍ରସ୍ତୁତ କରି ରିଟର୍ଣ୍ଣିଙ୍ଗ୍ ଅଧିକାରୀ, ସହକାରୀ ରିଟର୍ଣ୍ଣିଙ୍ଗ୍ ଅଧିକାରୀ ଏବଂ ପୁଲିଙ୍ଗ୍ ଅଧିକାରୀମାନଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ନିର୍ବାଚନ ପରିଚାଳନା ପାଇଁ ତାଲିମ ପ୍ରଦାନ କରିବା ସକାଶେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ପଦମ୍ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଥିବା ସମସ୍ତ ବୁଥ୍‌ଗୁଡ଼ିକୁ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପରିଦର୍ଶନ କରାଇ କାର୍ଯ୍ୟକ୍ଷମ କରାଇବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ବୁଥ୍‌ଗୁଡ଼ିକୁ ଥିବା ରାସ୍ତାଘାଟରେ ଯଦି କୌଣସି ଅସୁବିଧା ଥାଏ, ତେବେ ତାହାର ତୁରନ୍ତ ମରାମତି କରାଇବା ପାଇଁ ପ୍ରସ୍ତୁତି ବୈଠକରେ ପରାମର୍ଶ ଦିଆଯାଇଛି । ଉପନିର୍ବାଚନ ନିମନ୍ତେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ରିଟର୍ଣ୍ଣିଙ୍ଗ୍ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ଖୋଲିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ଉପନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ହେଉଥିବା ମାଜିଷ୍ଟ୍ରେଟ୍ ସେକଫର ସୁପରଭାଇଜର ତଥା ସେକଫର ମାଜିଷ୍ଟ୍ରେଟ୍ ନିଯୁକ୍ତି, ଉପନିର୍ବାଚନ ସମୟରେ ନିଯୁକ୍ତ ହେବାକୁ ଥିବା ସୁରକ୍ଷା କର୍ମଚାରୀମାନଙ୍କୁ ଚିହ୍ନଟ କରି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଉଭୟ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ଉପନିର୍ବାଚନ କାର୍ଯ୍ୟକ୍ରମରେ ଆବଶ୍ୟକ ହେଉଥିବା ନିର୍ବାଚନ ସାମଗ୍ରୀଗୁଡ଼ିକୁ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରୁ ସଂଗ୍ରହ କରିବା ସହ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ କିଣିବାକୁ ପରାମର୍ଶ ଦେଇଛନ୍ତି । ▶▶ପୃଷ୍ଠା ୭

## ଆଇନ ସଚେତନତା ଶିବିର ଅନୁଷ୍ଠିତ

ପୁରୀ ,୬/୧୧ (ନି.ପ୍ର): ବାଙ୍କିମୁହାଣ ନୂଆସାହି ଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଲୋକମାନଙ୍କୁ କିପରି ମାଗଣାରେ ଆଇନସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଲୋକମାନଙ୍କୁ ସାମ୍ବିଧାନିକ ଅଧିକାର ମାମଲା ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା । ଆଇନସେବା ପାଇଁ ତଫସିଲଭୁକ୍ତ ଜାତି ଓ ଉପଜାତିର ସଭ୍ୟ ମହିଳା, ଶିଶୁ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, କିନ୍ନର ଓ ଅନ୍ୟ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଆଇନସେବା ଯୋଗାଇ ଦେବା ସମ୍ପର୍କରେ ସଚେତନ କରାଯାଇଥିଲା । ଆଇନସେବା ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଆଇନସେବା ମାଗଣାରେ ଯୋଗାଇ ଦେବା ପାଇଁ ପ୍ରାଧିକରଣ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

ଏହି ଶିବିରରେ ଆଇନଜୀବୀ କନକଲତା ଦାସ, ମିର୍ନ୍ଧା ଦାସ, ମହେଶ ଦାଶଙ୍କ ସମେତ ଅନ୍ୟ ଆଇନଜୀବୀ,ବସ୍ତିର ମହିଳା ଓ ଯୁବକମାନେ ଯୋଗ ଦେଇଥିଲେ ।

## ସୋତିରେ ଫଂଚୁକ ପାଇଁ ମୁରୁଜ ପ୍ରତିଯୋଗିତା

କୋରାଇ ,୬/୧୧ (ନି.ପ୍ର): ପବିତ୍ର କାର୍ତ୍ତିକ ମାସ ଓ ଫଂଚୁକ ଅବସରରେ କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମର କିଶୋରୀ କ୍ଲବ ଠାରେ ପ୍ରତମଥର ପାଇଁ ଶ୍ରୀ ଜଗନ୍ନାଥଙ୍କ ବାଙ୍କଚୁଡ ବିଷୟବସ୍ତୁକୁ ଭିତିକରି ମୁରୁଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଭରତ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଳେଇପୁର ସରପଂଚ ସସ୍ମୀତା ମାଝୀ ଯୋଗଦେଇଥିଲେ । ଉତ୍ସାହର ସହିତ ଗ୍ରାମର ଝିଅ ମାନେ ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରିୟଙ୍କା ମହାପାତ୍ର ପ୍ରଥମ, ଅନ୍ନପୂର୍ଣ୍ଣା ନାୟକ ଦ୍ୱିତୀୟ, ନିରୁପମା ନାୟକ ଓ ନିହାରୀକା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଉମାକାନ୍ତ ଖଣ୍ଡାଇ, ସମ୍ପାଦକ ଶାନ୍ତନୁ ପଣ୍ଡା, ପରିଚାଳକ ଭାବେ ଆଂଚଳିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଂଜନ ନାୟକ ଓ ସହଯୋଗୀ ଭାବେ ଅନାମ ଚରଣ ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମୃତ ଗାଡି ଚାଳକ ପରିବାରକୁ ଡ୍ରାଇଭର ମହାସଙ୍ଘ ପକ୍ଷରୁ ସାହାଯ୍ୟ

କୋରାଇ ,୬/୧୧ (ନି.ପ୍ର): ରୋଗ ଶଯ୍ୟାରେ ପଡି ମୃତ୍ୟୁ ବରଣ କରିଥିବା ଗାଡି ଚାଳକ ମାଳଆାନ୍ଦପୁର ପଂଚାୟତ ନିମପାଳ ଗ୍ରାମର ଭରତ ପଢୀଆରୀଙ୍କ ପୁଅ ସୁମନ୍ତ ଓରଫ କାହ୍ନାର ପରିବାରକୁ ସହଯୋଗର ହାତ ବଢାଇଛି ଡ୍ରାଇଭର ମହାସଙ୍ଘ । ଆଜି କାହ୍ନାର ଏକାଦଶାହରେ ଡ୍ରାଇଭର ସଙ୍ଘ ନିଜ ନିଜ ମଧ୍ୟରୁ ଅର୍ଥ ଆଦାୟ କରି କାହ୍ନା ପରିବାରକୁ ୨୪ ହଜାର ୨ଶହଟଙ୍କା ପ୍ରଦାନ କରିଛି । ସଙ୍ଘ ପକ୍ଷରୁ ଯାଜପୁର ପୌର ସଭାପତି ଜାକିର ଖାଁ, ଉପସଭାପତି ଜଲାଲ ଖାଁ, ସମ୍ପାଦକ ସଂଜୟ ବେହେରା, ସହ ସମ୍ପାଦକ ସଂଗ୍ରାମ ବେହେରା, କୋଷାଧ୍ୟକ୍ଷ ଅମର ନନ୍ଦ , ଉତରେଶ୍ୱର ଡ୍ରାଇଭର ସଙ୍ଘ ପକ୍ଷରୁ ସଭାପତି କିସମତ ଖାଁ, ଉପସଭାପତି ସନ୍ତୋଷ ଦାସ, ଅରୁଣ ରାଉତଙ୍କ ସମତେ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ ।

## ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଶାଖାର ପଂଚଦଶତମ ଇ -ପାଠଚକ୍ର

ମାଲକାନଗିରି ,୬/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ବିଚାରଧାରା ଆନୁକୂଲ୍ୟରେଆଜି ପଂଚଦଶତମ ଇ-ପାଠଚକ୍ର : ଦୁର୍ନୀତି ଆଜିର ଏକ ମୁଖ୍ୟ ସମସ୍ୟା :ପ୍ରସଙ୍ଗ ଉପରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ. ବିଜୟ କୁମାର ମିଶ୍ର ପ୍ରାକ୍ତନ ରାଜନୀତି ବିଜ୍ଞାନ ଅଧ୍ୟାପକ ନବରଙ୍ଗପୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିର ସଂଜ୍ଞା ମନୁ ସଂହିତା ଓ ଅର୍ଥଶାସ୍ତ୍ରର ରଚୟିତା କୌଟିଲ୍ୟଙ୍କ ମତକୁ ଉଦ୍ଧାର କରି ଏହାର ଅତୀତ, ବର୍ତମାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ଭାରତବର୍ଷରୁ ଦୁର୍ନୀତିର ମୂଳପ୍ତାଟନ ନିମନ୍ତେ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ତାହା ଉପରେ ଆଲୋଚନା କରିଥିଲେ । ବିବେକାନନ୍ଦ ଲୋକସଂସଦ, ମାଲକାନଗିରି ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ତଥା ସଭାପତି ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଏହି ଆଭାସୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମାଲକାନଗିରି ମଡେଲ ଡିଗ୍ରୀ କଲେଜର ଓଡ଼ିଆ ଅଧ୍ୟାପିକା ତଥା ସଂସଦର ଆଜୀବନ ସଦସ୍ୟା ଡ଼ଃ. ହେନେରିତା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଚାଲାଣଗୁଡା କସ୍ତୁରବା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ ପ୍ରାରମ୍ଭିକ ମନ୍ତ୍ର ପାଠ କରିଥିବା ବେଳେ ଆଜୀବନ ସଦସ୍ୟା ପ୍ରତିମା ନାୟକ ବିବେକବାଣୀ ପାଠ କରିଥିଲେ । ପରିଶେଷରେ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ତଥା ଆଜୀବନ ସଦସ୍ୟା ଅଙ୍ଗୁରବାଳା ସ୍ୱାଇଁ ଶାନ୍ତିପାଠ ଓ ସଂସଦର ସମ୍ପାଦକ ପ୍ରମୋଦ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଭାସୀ କାର୍ଯ୍ୟକ୍ରମରେ ଜିଲ୍ଲା ଓ ସମଗ୍ର ରାଜ୍ୟର ବହୁ ସଂଖ୍ୟାରେ ଶ୍ରୋତା ମଣ୍ଡଳୀ ଯୋଗଦାନ କରିଥିଲେ । ସଂସଦର ରାଜ୍ୟ ଉପସଭାପତି ପ୍ରଫେସର ପ୍ରଳୟ କୁମାର ନନ୍ଦ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ସୀମାଚଂଳ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ୧୩.୧୧.୨୨ ରିଖରେ ଏହି ସଂଗଠନ ଦ୍ୱାରା ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ ।

## ବଙ୍ଗୋମୁଣ୍ଡାର ପ୍ରସିଦ୍ଧ ୩୬ତମ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ବଙ୍ଗୋମୁଣ୍ଡା ,୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାର ପ୍ରସିଦ୍ଧ ୩୬ତମ ଧନୁଯାତ୍ରା ମହୋତ୍ସବ ଗତକାଲି ସଂନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ମହୋତ୍ସବ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ । କରୋନା ମହାମାରୀ ଯୋଗୁଁ ଗତ ୨ ବର୍ଷ ହେବ ଯାତ୍ରା ବନ୍ଦ ଥିଲା । ତେଣୁ ଚଳିତ ବର୍ଷ ଧୁମ୍ରଧାମ୍ରେ ଏହା ଆୟୋଜିତ ହେଉଛି । ବଙ୍ଗୋମୁଣ୍ଡା ପାଲଟିଛି ମଥୁରା ନଗରୀ । ହସ୍ତୀ ପିଠିରେ ଉଗ୍ରସେନ ମହାରାଜ ବସି ମୁକ୍ତାକାଶ ରଙ୍ଗମଂଚକୁ ପାତ୍ରମନ୍ତ୍ରୀ ସହ ପହଂଚିଥିଲେ । ପୌରାଣିକ ନାଟ୍ୟବସ୍ତୁ ଆଧାରିତ ଧନୁଯାତ୍ରା ଉଦଘାଟିତ ହୋଇଥିଲା । କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଦେବକୀ ବସୁଦେବ ବିବାହ, ଶୂନ୍ୟବାଣୀ, ମହାରାଜ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ ବସୁଦେବ କାରାଗାରରେ ବନ୍ଦୀ, କଂସଙ୍କ ରାଜ୍ୟାଭିଷେକ, ଦେବକୀଙ୍କ ଷଡଯନ୍ତ୍ର ନିଧନ ନାଟ୍ୟାଭିନୟ ହୋଇଥିଲା । ଉଦ୍ଘାଟନୀ ଉତ୍ସବର ରାଜକୀୟ ଅତିଥି ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ବଙ୍ଗୋମୁଣ୍ଡା ୨୦ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଓମ୍ କୁମ୍ଭାର, ବଙ୍ଗୋମୁଣ୍ଡା ସରପଂଚ ଅଜିତ କୁମାର ଯୋଶୀ, ବ୍ରହ୍ମପୁର ସ୍ଥିତ ସ୍ୱଶକ୍ତି ଜାଗରଣ ସେବା ସଂସ୍ଥାର ପ୍ରତିଷ୍ଠାତା ପୂଜ୍ୟ ଗୁରୁଦେବ ଟି.କ୍ରିଷ୍ଣା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂପ୍ରତି ସମାଜରେ ନିଜ ସ୍ୱାର୍ଥରେ ପଥଭ୍ରଷ୍ଟ ଯୁବସମାଜ ତଥା ସମାଜରେ କୁପଥଗାମୀ ବ୍ୟକ୍ତି ଏହି ଧନୁଯାତ୍ରାରୁ ନିଶ୍ଚୟ ଶିକ୍ଷା ଗ୍ରହଣ କରିପାରିବେ । ଏହି ଧନୁଯାତ୍ରା ଏକ ସାଂସ୍କୃତିକ ଆନ୍ଦୋଳନ, ସଂସ୍କୃତି ଓ କଳାର ଏକ ମଂଚ ସହିତ ସାଂସ୍କୃତିକ ଅଭିବୃଦ୍ଧି ଆଗାମୀ ଦିନରେ ଅଂଚଳ ପାଇଁ ଏକ ଶୁଭଙ୍କର ହେବ ବୋଲି ଅତିଥି ଗଣ ମତବ୍ୟକ୍ତ କରିବା ସହ ଏହି ଧନୁଯାତ୍ରା ମହୋତ୍ସବ ଆଗାମୀ ପିଢିକୁ ଏକ ନୂତନ ଦିଗଦର୍ଶନ ଦେଉ, ଅଂଚଳରେ ହଜାର ହଜାର ସଂଖ୍ୟାରେ ବେଆଇନ ଭାବେ ବାହାର ରାଜ୍ୟକୁ ଦାଦନ ଚାଲାଣ ହେଉଛି, କିପରି ଭାବେ ରୋକାଯାଇ ପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ, ଅଂଚଳର ଶିଳ୍ପଟିଏ ନ ଥିବାରୁ ଯୁବକମାନେ ରୋଜଗାର କରିବାରେ ବିଫଳ ହେଉଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିକାଶ ରଞ୍ଜନ ପନିକା ଉଦଘୋଷକ ଭାବେ ଦାୟିତ୍ୱ ନେଇଥିଲେ । ଅତିଥିମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ ସାଧନା ଡ୍ୟାନସ୍ ଏକାଡେମୀ ଭୁବନେଶ୍ୱର, ମହାକାଲ ଡ୍ୟାନସ୍ ଗ୍ରୁପ ବଙ୍ଗୋମୁଣ୍ଡା, ସତନାମ ଡ୍ୟାନସ୍ ଗ୍ରୁପ ବଙ୍ଗୋମୁଣ୍ଡା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।ଧନୁଯାତ୍ରା ମହୋତ୍ସବ ଅବସରରେ ଲୋକଶକ୍ତି ଅନୁଷ୍ଠାନ ପକ୍ଷରୁ ପୁଷ୍ଟିକର ଖାଦ୍ୟ ମେଳା ମଧ ଉଦ୍ଘାଟିତ ହୋଇଛି । ମାଣ୍ଡିଆ, ଗୁର୍ଜି ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ସାମଗ୍ରୀ ବିତରଣ ସହ ବିକ୍ରି କରାଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ । ଏହା ଆସନ୍ତା ନଭେମ୍ବର ୮ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ

ବଲାଙ୍ଗିର ,୬/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ଅକ୍ଟୋବର ୩୧ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ପତିତ ପାବନ ଏକାଡେମି ହଲ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବାର୍ତା ହେଉଛି " ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ" । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣ ନିଜର ଦାୟିତ୍ୱ , କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହେଲେ ଦୁର୍ନୀତି କୁ ରୋକାଯାଇ ପାରିବ ଏବଂ ପ୍ରତ୍ୟେକ ସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରୁ ଦୁର୍ନୀତି ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ସହ ମାନସିକତା ରେ ପରିବର୍ତନ ଆଣିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଡ଼ି.ଏସ.ପି ଭିଜିଲାନ୍ସ ,ବଲାଙ୍ଗିର ପୁଲସ୍ତି ଛତ୍ରିଆ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସକାଶେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସୂଚନା ଯୋଗ୍ୟ ଯେ ଦୁର୍ନୀତି ନିବାରଣ ବିଭାଗ, ବଲାଙ୍ଗିର ଶାଖା ରାଜ୍ୟ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ରାଜ୍ୟ ସ୍ତରୀୟ ସମାରୋହରେ ପୁରସ୍କୃତ ହୋଇଛି । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତା ପ୍ରଥମେ ବ୍ଲକ ଓ ମ୍ୟୁନିସିପାଲିଟି ତଥା ଏନ.ଏ.ସି ସ୍ତରରେ କରାଯାଇ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେଇଥିଲେ । " ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ " ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ଅନୁଷ୍ଠିତ ସଚେତନତା ସଭା ରେ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସଭା ସଂଯୋଜନା କରିଥିଲେ । ପତିତ ପାବନ ଏକାଡେମି ର ପ୍ରଧାନ ଶିକ୍ଷକ ସିନ୍ଧୁ ସୁନ୍ଦର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ନାଗରିକ କମିଟି ,ବରିଷ୍ଠ ନାଗରିକ ଫୋରମ ର କର୍ମକର୍ତା , ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ , ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ସରକାରୀ ଅଧିକାରୀ ଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖାର କର୍ମଚାରୀ ମାନେ ଯୋଗଦେଇଥିଲେ ।

## ଦୁର୍ନିତୀଗ୍ରସ୍ତ ବିଡ଼ିଓଙ୍କ ବଦଳି ଦାବି କଲେ ଅଧକ୍ଷା

କନ୍ଧମାଳ , ୬/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବିଡ଼ିଓଙ୍କ ମନ ମୁଖି କାର୍ଯ୍ୟ, ଦୁର୍ନିତୀ, ଲୋକ ପ୍ରତିନିଧିଙ୍କୁ ଅଣଦେଖା, ପିସି କାରବାର ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ କରି ଶେଷରେ ଅଭିଯୋଗ ଆଣିଛନ୍ତି ବ୍ଲକ ଅଧକ୍ଷା ଶ୍ରୀମତୀ ସୁଷମା ପ୍ରଧାନ ଆଉ ତୁରନ୍ତ ବିଡ଼ିଓଙ୍କୁ ଏଠାରୁ ଅନ୍ୟତ୍ର ବଦଳି ନ କଲେ ରାଜରାସ୍ତାକୁ ଓଲହାଇବେ ବୋଲି ଧମକ ଦେଇଛନ୍ତି । ପନ୍ଦର ଦିନ ମଧ୍ୟରେ ବଦଳି ନହେଲେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଯାହାକି ଜି. ଉଦୟଗିରି ଅଞ୍ଚଳ ଓ ପ୍ରଶାସନିକ ମହଲରେ ଆଲୋଚନାର ବିଷୟ ବସ୍ତୁ ପାଲଟିଛି । କେବଳ ବିଡ଼ିଓ ଏକା ନୁହଁନ୍ତି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ବି ଅଧକ୍ଷାଙ୍କ ରୋଷରୁ ବାଦ ପଡ଼ିନାହାନ୍ତି ।

## ମାଲକାନଗିରିରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୬/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ , ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି ଯେ ମିଶନଶକ୍ତିର ମାଆମାନେ ଆଗାମୀ ଦିନରେ ତୃଣମୂଳସ୍ତରରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକି ଗ୍ରହଣ କରିବେ । ଏହି ଅବସରରେ ଜିଲ୍ଲାପାଳ , ଶ୍ରୀ ସିଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦୁର୍ନୀତି ପରିପ୍ରେକ୍ଷୀରେ ଶୂନ୍ୟ ସହନଶୀଳତା ନୀତି ଆପଣେଇବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ୫ ଟି ସୂତ୍ରୀର ସମୟ , ପ୍ରଯୁକ୍ତି ଏବଂ ସ୍ୱଚ୍ଛତାକୁ ଆଧାର କରି ସମସ୍ତ ସରକାରୀ କାର୍ଯ୍ୟ ସଂପାଦନ କରିବା ପାଇଁ ଶ୍ରୀ ସିଂ ଏଠାରେ ଗୁରୁତ୍ୱାରୋପ କରିଛନ୍ତି । ଜନଶୁଣାଣି ପୋର୍ଟାଲ ଏବଂ ହେଲ୍ପଲାଇନ ନମ୍ବରର ସହାୟତା ନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ମାଲକାନଗିରି ଦୁର୍ନୀତି ନିବାରଣ ବିଭାଗର ଡି.ଏସ.ପି ଶ୍ରୀ ସୁଶାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ , ବକ୍ତୃତା ଓ କାର୍ଟୁନ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାଇକ , ସିଡିଓ ତଥା ଇଓ , ଜିଲ୍ଲା ପରିଷଦ , ଶ୍ରୀ ରତ୍ନାକର ସାହୁ , ଉପଜିଲ୍ଲାପଳ , ଶ୍ରୀ ଅକ୍ଷୟ ଖେମୁଡୁ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ , ଶ୍ରୀ ବଳଭଦ୍ର ଦୀପ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ , ପ୍ରମିଳା ମାଝୀ ସଂଯୋଜନା କରିଥିଲେ ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ

ଭବାନୀପାଟଣା ,୬/୧୧ (ନି.ପ୍ର): ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲ୍ ପରିସରରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୨'' ତଥା କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡିଇଓ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିଇଓ ଟେମଲାଲ ଦୁବେ, ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ମ.ରାମପୁର ବିଇଓ ଠାକୁର ସାହୁ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା । ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ କୁନି କଳାକାର ଶ୍ରେୟାଶ୍ରୀ ପଟ୍ଟନାୟକ । ଏଥିରେ ଜିଲ୍ଲାର ୧୩ଗୋଟି ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଚିତ୍ରକଳା ଓ ଶିଳ୍ପକଳା, ଶାସ୍ତ୍ରୀୟ ସଙ୍ଗୀତ, ପାରମ୍ପରିକ ଲୋକ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ଶାସ୍ତ୍ରୀୟ ଓ ଲୋକ ନୃତ୍ୟ, ଟୁଡି ଓ ଥ୍ରୀଡି ଭିଜୁଆଲ୍ ଆର୍ଟ, ସ୍ୱଦେଶୀ ଖେଳନା ଓ ଖେଳ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ''ସୁରଭି'' ଓ କଳା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି । ଉଦଯାପନୀ ଉତ୍ସବରେ ଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ବେଦଭୂଷଣ, ଡିଇଓ ସୁଶାନ୍ତ ଚୋପଦାର, ଏଡିଇଓ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ନର୍ଲା ବିଇଓ ତପିମଣି ଜାନୀ, ଗୋଲାମୁଣ୍ଡା ବିଇଓ ନବକିଶୋର ସାହୁ, ପିଇଆଇ ମହେନ୍ଦ୍ର ପଣ୍ଡା, ଡିଏସ୍‌ଏସ୍ ଦୁଷ୍ମନ୍ତ ଶେଖର ପାଢ଼ୀ, ସମଗ୍ର ଶିକ୍ଷା ଜିଲ୍ଲା ପେଡାଗୋଜି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝୀ, ବାପୁଜୀ ସିଆରସିସି ମିନତୀ କୁମାରୀ ପ୍ରଧାନ ଓ ଶିକ୍ଷକ ସଂଜୀବ କୁମାର ପାଢ଼ୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସୌମେନ୍ଦ୍ର ପଟ୍ଟନାୟକ, ପ୍ରଭାତ ସାହୁ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ସିଆରସିସି ଅଜିତ କୁମାର ପଧାନ, ଅମିତ ଜାଲ, ଶିକ୍ଷକ ଆଲେକଜାଣ୍ଡାର୍ ଫିଲିପ୍, ହିମାଂଶୁ ଶେଖର ମେହେର, ବିରଞ୍ଚି ନାରାୟଣ ମୁଣ୍ଡ, ଜିତେନ୍ଦ୍ର କୁମାର ବିଶ୍ୱାଳ, ମନୋଜ କୁମାର ସାହୁ, ଯୁଗେଶ୍ୱର ମାଝୀ, ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କୋରାପୁଟ କେସିସି ବ୍ୟାଙ୍କ ସଭାପତି ପଦବୀ ଆଶାୟୀ ଦୌଡ଼ରେ ଆଦିବାସୀ ନେତା ଗୋପୀ ପାଙ୍ଗି

ମାଲକାନଗିରି ,୬/୧୧ (ନି.ପ୍ର): ଆସନ୍ତା ୯ ତାରିଖରେ ହେବାକୁ ଥିବା କୋରାପୁଟ କେସିସି ବ୍ୟାଙ୍କ ସଭାପତି ପଦବୀର ନାମାଙ୍କନ ଦାଖଲର ଶେଷଦିନ । ଦିନ ଯେତିକି ପାଖେଇ ଆସୁଛି ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ବର୍ତମାନ ସୁଦ୍ଧା ଆଶାୟୀଙ୍କ ମଧ୍ୟରେ କୋରାପୁଟ ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ କେସିସି ସଭାପତି ଡ଼ଃ. ଇନ୍ଦିରା ନନ୍ଦ, ରମାକାନ୍ତ ରାଉଳଙ୍କ ନାମ ଚର୍ଚ୍ଚା ଧରୁଥିବା ବେଳେ ଏବେ ଜଣେ ଆଦିବାସୀ ବିଜେଡି ନେତା, ଚାଷୀ ସୁରକ୍ଷାର ଯୁବ ନେତା ଗୋପୀ ପାଙ୍ଗି ମଧ ଆଶାୟୀ ରହିଛନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ସବୁଠାରୁ ଅଧିକ ଆଦିବାସୀ ଚାଷୀ ରହିଛନ୍ତି । ପୂର୍ବରୁ ଆଦିବାସୀ ଚାଷୀଙ୍କୁ ଅଣଦେଖା କରାଯାଇଛି, ତେଣୁ ଆଦିବାସୀ ନେତାଙ୍କୁ ସଭାପତି ପଦବୀ ଦେବାକୁ ବିଭିନ୍ନ ଆଦିବାସୀ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡ଼ିଛି । ୧୫ ଟି ନିର୍ଦ୍ଦେଶକ ଆସନରୁ ୧୪ଟି ବିଜେଡିର ଥିବା ବେଳେ ପ୍ରତ୍ୟକ ଜିଲାର ବିଧାୟକ ଓ ନେତାଙ୍କ ସହଯୋଗ ଓ ସମର୍ଥନରେ ଜିତିଛନ୍ତି । ତେଣୁ ସମସ୍ତଙ୍କ ନଜର ହାଇକମାଣ୍ଡଙ୍କ ଉପରେ ରହିଛି । ବର୍ତମାନ ଆଶାୟୀମାନେ ନିଜ ନିଜର ସମର୍ଥକଙ୍କ ସହ ଭୁବନେଶ୍ୱରରେ ଡେରା ପକାଇଥିବା ଦେଖିବାକୁ ମିଳିଛି । ଏ ସମସ୍ତ ଅଶାୟୀଙ୍କ ଭିତରୁ ଗୋପୀ ପାଙ୍ଗିଙ୍କୁ ଛାଡି ସମସ୍ତେ ରାଜ୍ୟ ସରକାରଙ୍କ ଭଲ ପଦପଦବୀରେ ରହିଛନ୍ତି । ତାଙ୍କ କାର୍ଯ୍ୟଦକ୍ଷତା ସମସ୍ତେ ଜାଣିଛନ୍ତି । ସବୁବେଳେ ସେମାନଙ୍କୁ ରାଜ୍ୟ ସରକାର ତଥା ହାଇକମାଣ୍ଡ ଅନୁକମ୍ପା ଦେଖାଉଥିବା ବେଳେ ଏଥର ଜଣେ ଆଦିବାସୀଙ୍କୁ ଅନୁକମ୍ପା ଦିଅନ୍ତୁ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ୯ ତାରିଖ ପୂର୍ବରୁ ସଭାପତି ନାମ ଘୋଷଣା କରାଯିବ । ତେଣୁ ବିଜୁ ଜନତା ଦଳର ବର୍ତମାନ ଏହି ଆଶାୟୀ ନେତାଙ୍କୁ ନେଇ ସର୍ଭେ ଚାଲିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଆଶାୟୀଙ୍କ ମଧ୍ୟରେ ଈଶ୍ୱର, ଇନ୍ଦିରା, ରମାକାନ୍ତ କୋରାପୁଟ ଜିଲ୍ଲାର ହୋଇଥିବା ବେଳେ ଗୋପୀ ପାଙ୍ଗି ମାଲକାନଗିରିର ।

## ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

କୋରାଇ ,୬/୧୧ (ନି.ପ୍ର): ପାଣିକୋଇଲି ସ୍ଥିତ ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମ୍ପାଦକ ବିଜନ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସିଆରସିସି ଅଖିଳ ମୋହନ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ୬୨ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ଜଳ ଚକ୍ର, ଶ୍ୱସନ ପ୍ରକ୍ରିୟା, ବର୍ଷାଜଳ ସଂରକ୍ଷଣ, ସୌର ଜଗତ, ଅମ୍ଳଜାନର ଉପସ୍ଥିତି, ଆମ ଶରୀରର ବିଭିନ୍ନ ଅଙ୍ଗ, ବିଭିନ୍ନ ପ୍ରକାରର ଶିଳା, ବିଭିନ୍ନ ପ୍ରକାରର ଖାଦ୍ୟ, ୱାଟର ଆଲାରାମ, ପ୍ରାଥମିକ ଚିକିତ୍ସା, ସୌର ଜଳସେଚନ, ସୂର୍ଯ୍ୟ ପରାଗ, ଶକ୍ତି ଏବଂ ନିରାପଦ ପରିବେଷ ପାଇ ବର୍ଜ୍ୟ ବସ୍ତୁ, ପଶୁମାନଙ୍କ ଖାଦ୍ୟ ଅଭ୍ୟାସ, ଲାଭା ଉଦ୍‌ଗିରଣ, କମ୍ପ୍ୟୁଟର, ଗଛର ବିଭିନ୍ନ ଅଙ୍ଗ, ଟ୍ରାଫିକ ରୁଲ, ପବନ ଶକ୍ତି ଦ୍ୱାରା ନୌକା ଚାଳନା ଇତ୍ୟାଦି ପ୍ରକଳ୍ପ ଗୁଡିକୁ ଛାତ୍ର/ଛାତ୍ରୀ ମାନେ ପ୍ରଦର୍ଶିତ କରିଥିଲେ । ନିକଟସ୍ଥ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର/ଛାତ୍ରୀ ଓ ଶିକ୍ଷକ/ଶିକ୍ଷୟତ୍ରୀମାନେ ଘଟଣାସ୍ଥଳ ପରିକ୍ରମା କରି ବୁଲି ଦେଖିଥିଲେ । ମା ତାରଣୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷତ୍ରୀ ସ୍ୱପ୍ନାରାଣୀ ଦାସ ଏବଂ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ଦାସ ବିଚାରକ ଭାବେ ଯୋଗଦେଇ ପ୍ରଦର୍ଶନୀ ଉପରେ ଛାତ୍ର/ଛାତ୍ରୀଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ । ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ କନିଷ୍ଠ ବର୍ଗରୁ ସ୍ନେହାଂଶୁ ରଣା(୨ୟ) ଓ ଅନୁପ କୁମାର ପାତ୍ର(୧ମ) ଯୁଗ୍ମ ଭାବେ ପ୍ରଥମ ସ୍ଥାନ, ଶୁଭଶ୍ରୀ ଯେନା(୨ୟ) ଦିତୀୟ ସ୍ଥାନ, ଭାଗ୍ୟଶ୍ରୀ ଦଳାଇ(୨ୟ) ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ବରିଷ୍ଠ ବିଭାଗରେ ପ୍ରତ୍ୟୁଷା ମାଝୀ(୫ମ) ପ୍ରଥମ ସ୍ଥାନ, ମହକ ମଳୟ ମହାପାତ୍ର(୫ମ) ଦିତୀୟ ସ୍ଥାନ, ଦିବ୍ୟାଂଶୁ ସ୍ୱାଇଁ(୫ମ) ଓ ଅରିସ୍ମିତା ବାରିକ(୩ୟ) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସେନାପତିଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

## ୨ ଦିନିଆ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା ,୬/୧୧ (ନି.ପ୍ର): କେନ୍ଦ୍ରାପଡାର ୟୁଥ ବଲିବଲ ଏକାଡେମୀ ପକ୍ଷରୁ ୨ ଦିନିଆ ଭଲି ବଲ ପ୍ରତିଯୋଗିତା କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପଡିଆରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦର ସଧାରଣ ସଂପାଦକ ସୟଦ ଅକମଲ ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକର ୮ ଭଲି ବଲ ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତାକାଲି ଜିଲ୍ଲା ବାହାରର ଭଲି ବଲ ଟିମ୍ ମାନେ ଅଂଶ ଗ୍ରହଣ କରିବାର ସୂଚନା ମିଳିଛି । ପ୍ରଥମ ପ୍ରତିଯୋଗିତା ହରିଅଙ୍କ ଖୁରୁସିଆ, ଖସାଡି କ୍ଲବ, ପଟ୍ଟାମୁଣ୍ଡାଇ କ୍ଲବ, କେନ୍ଦ୍ରାପଡା ଭଲି ବଲ ଟିମ୍ ଓ ବଗଡା ଭଲି ବଲ ଟିମ୍ ସହ ଅନୁଷ୍ଠିତ ହୋଇଥିଲା ।

# ଜିରୋ ଘାଟି



ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ ।

ଜିରୋ ଘାଟି, ଅରୁଣାଚଳ ପ୍ରଦେଶର ଲୋୟର ସୁବନସିରି ଜିଲ୍ଲାର ଏକ ପୁରାତନ ସହର । ପୂରା ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ । ଧାନ ବ୍ୟତୀତ ସେଠାରେ ବହୁଳ ମାତ୍ରାରେ ମାଛଚାଷ କରାଯାଏ । ଜିରୋ ବନ୍ୟପ୍ରାଣୀ ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ । ସ୍ଥାନୀୟ ବାସିନ୍ଦା ଅପାତାନୀ ନାମରେ ଜଣାଶୁଣା । ସେମାନଙ୍କର ପର୍ବପର୍ବାଣି, ରୀତିନୀତି ଓ ପରମ୍ପରା ପାଇଁ ମଧ୍ୟ ଜିରୋ ଘାଟି ପ୍ରସିଦ୍ଧ । ସେମାନେ ପ୍ରକୃତିର ଦେବତାଙ୍କୁ ପୂଜା କରିଥାନ୍ତି । ସେମାନଙ୍କର ସଂସ୍କୃତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉତ୍ସବ ମଧ୍ୟରେ ମ୍ୟାକୋ ମୁରୁଙ୍ଗ ଓ ଡ୍ରି ପ୍ରମୁଖ । ପର୍ଯ୍ୟଟକମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇପାରିବେ । ଜିରୋର ପାଣିପାଗ ପ୍ରାୟତଃ ଅନୁକୂଳ ଥାଏ, ଯାହାଦ୍ୱାରା ପର୍ଯ୍ୟଟକମାନେ ବର୍ଷସାରା ସେଠାକୁ ଯାଇଥାନ୍ତି । ସେପ୍ଟେମ୍ବରରେ ପାଳନ ହେଉଥିବା ଜିରୋ ମ୍ୟୁଜିକ ଫେଷ୍ଟିଭାଲ ପାଇଁ ଏହି ସ୍ଥାନର ଗୁରୁତ୍ୱ ଅଧିକ । ୨୦୧୨ ମସିହାରେ ଏହି ଫେଷ୍ଟିଭାଲ ଆରମ୍ଭ ହୋଇଥିଲା । ପୃଥିବୀର କୋଣ ଅନୁକୋଣରୁ ସଙ୍ଗୀତପ୍ରେମୀ, ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସଙ୍ଗୀତ ବ୍ୟାଣ୍ଡ ପାର୍ଟି, ଲୋକ କଳାକାର ଏହି ଫେଷ୍ଟିଭାଲରେ ଭାଗ ନେବାକୁ ସେଠାକୁ ଯାଇଥାନ୍ତି । ଜିରୋରେ ଭ୍ରମଣ କରିବା ପାଇଁ କିଛି ବେଶ୍ କେତୋଟି ସ୍ଥାନ ଅଛି ।

### ମେଘନା ଗୁମ୍ଫା ମନ୍ଦିର:

ଜିରୋ ପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରଟି ଭଗବାନ ଶିଙ୍କୁ ସମର୍ପିତ । ମନ୍ଦିରରେ ପହଞ୍ଚିବାକୁ ହେଲେ ଅନେକ ସିଡ଼ି ଚଢ଼ିବାକୁ ପଡ଼ିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୫୦୦୦ ବର୍ଷର ପୁରୁଣା ମନ୍ଦିର ତା'ର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।



### ଟେଲି ଘାଟି ବନ୍ୟ ଜୀବନ ଅଭୟାରଣ୍ୟ:

ରୋମାଞ୍ଚ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟେଲି ଘାଟି ଏକ ଉପଯୁକ୍ତ ସ୍ଥାନ । ଟ୍ରେକିଂ ପାଇଁ ଏହା ପ୍ରସିଦ୍ଧ । ଟେଲି ଘାଟି ବନ୍ୟ ଜୀବ ଅଭୟାରଣ୍ୟ ଜିରୋଠାରୁ ୩୦ କି.ମି. ଦୂରରେ ଅବସ୍ଥିତ । ଏହି ଅଭୟାରଣ୍ୟ ବିଭିନ୍ନ ପ୍ରକାରର ବନସ୍ପତି ଓ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରିଥାଏ । ସେଠାରେ କ୍ଲାଉଡେଡ ଚିତା ବାଘ ପରି ଦୁର୍ଲଭ ପ୍ରଜାତିର ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ୩୩୭ ବର୍ଗ କି.ମିରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଥିବା ତିନୋଟି ନଦୀର ଦୃଶ୍ୟ ପର୍ଯ୍ୟଟକଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ ।

### ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ୍:

ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ ଭାରତରେ ପ୍ରସିଦ୍ଧ ଅଦ୍ଭୁତ ସ୍ୱତନ୍ତ୍ର ସଙ୍ଗୀତର ଏକ ଭିନ୍ନ ପ୍ରକାର ଉତ୍ସବ । ସଙ୍ଗୀତ ଜୀବନ ଆରମ୍ଭ କରୁଥିବା ସଙ୍ଗୀତକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଫେଷ୍ଟିଭାଲ ଆରମ୍ଭ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଫେଷ୍ଟିଭାଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଣ୍ଡ ପାର୍ଟିମାନେ ଭାଗ ନେଉଛନ୍ତି । ପର୍ଯ୍ୟଟକମାନେ ସଙ୍ଗୀତର ମଜା ନେବାକୁ ଯଦି ଚାହାଁନ୍ତି ତେବେ ଜିରୋ ଫେଷ୍ଟିଭାଲ ସମୟରେ ସେଠାକୁ ଯିବା ଉଚିତ୍ ।



### ପାଇନ ବଗିଚା:

ଜିରୋ ଘାଟିର ପାଇନ ଗ୍ରୋଭ ବା ପାଇନ ଗଛର ବଗିଚା ପର୍ଯ୍ୟଟକଙ୍କୁ ଆକୃଷ୍ଟ କିଥାଏ । ଏହି ସ୍ଥାନ ପୁରୁଣା ଜିରୋ ସହରଠାରୁ ପାଖାପାଖି ୩ କି.ମି ଦୂରରେ ଅବସ୍ଥିତ । ଫଟୋଗ୍ରାଫି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ।



### ଡାଲୋ ମାଣ୍ଡୋ:

ହପୋଲୀଠାରୁ ୨ କି.ମି ଦୂରରେ ଥିବା ଡାଲୋ-ମାଣ୍ଡୋ ଟ୍ରେକର୍ସମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେଠାରୁ ହାପୋଲୀ ଓ ପୁରୁଣା ଜିରୋ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।




### ତାରିନ ମାଛ ଫାର୍ମ:

ଏହି ମାଛ ଫାର୍ମ ହପୋଲୀଠାରରୁ ୩.୫ କି.ମି ଦୂରରେ ଥିବା ଏକ ସୁନ୍ଦର ସ୍ଥାନ । ସେଠାରେ ଅନେକ ପ୍ରଜାତିର ସୁନ୍ଦର ମାଛ ଦେଖିବାକୁ ମିଳିଥାଏ ।




### ରୋମାଞ୍ଚକର ରୋଡ ଟ୍ରିପ୍:

ବାଦଲ ଓ ବିଭିନ୍ନ ବୃକ୍ଷ ମଧ୍ୟରେ ରୋଡ ଟ୍ରିପ୍ର ରୋମାଞ୍ଚକ ଅନୁଭବ ଜିରୋରେ ପର୍ଯ୍ୟଟକମାନେ ପାଇପାରିବେ । ପୂର୍ବୋତ୍ତର କ୍ଷେତ୍ରର ଅଙ୍କାବଙ୍କା ରାସ୍ତାରେ ଗାଡ଼ି ଚଳେଇବାର ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେଠାରେ ଉପଭୋଗ କରିଥିବା ରୋମାଞ୍ଚକ ରୋଡ ଟ୍ରିପ୍ ଭୁଲି ପାରିବେ ନାହିଁ । ପର୍ଯ୍ୟଟକମାନେ ସେଠାରେ ରହୁଥିବା ଅଧିବାସୀଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇପାରିବେ । ଜିରୋ ଅଲଗା ଏକ ଦୁନିଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ରହୁଥିବା ଅପତାନୀ ଜନଜାତିର ଲୋକମାନେ ନାକ ପିୟର୍ସିଙ୍ଗ ଓ ଫେସିଆଲ ଟାଟୁ ପାଇଁ ଜଣାଶୁଣା । ତାଲେ ଘାଟି ବ୍ୟତୀତ ଟ୍ରେକିଙ୍ଗ ପାଇଁ ବୋମଡିଲା-ତବାଙ୍ଗ କ୍ଷେତ୍ର ମଧ୍ୟ ଲୋକପ୍ରିୟ ।



### ଜିରୋ ଫୁଟୋ:

ଜିରୋ ଫୁଟୋ ଏକ ପାହାଡ଼, ଯେଉଁଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଶାସନିକ କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠରେ ୧୯୬୦ ଦଶକରେ ସେନା ଛାଉଣିର ସ୍ଥାପନା କରାଯାଇଥିବା ଯୋଗୁ ସେ ସ୍ଥାନକୁ 'ଆର୍ମି ପୁଟୋ' ବୋଲି ମଧ୍ୟ କୁହାଯାଏ । ସେ ସ୍ଥାନରୁ ପର୍ଯ୍ୟଟକମାନେ ଅପତାନୀ ପଠାର ନାମକ ସ୍ଥାନର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ ।

### କେବେ ଯିବେ:

ଜିରୋ ଘାଟିରେ ଭ୍ରମଣ କରିବାକୁ ହେଲେ ମାର୍ଚ୍ଚ ମଧ୍ୟ ଭାଗରୁ ଜୁଲାଇର ମଧ୍ୟ ଭାଗ ତଥା ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଉପଯୁକ୍ତ ସମୟ । ସେତେବେଳେ ସେଠାରେ ତାପମାନ ୧୦ରୁ ୧୫ ଡିଗ୍ରୀ ଥାଏ ।

### କିପରି ଯିବେ:

ଆସାମର କାମରୂପ ଜିଲ୍ଲାରେ ଅବସ୍ଥିତ ଗୌହାଟୀ ସବୁଠାରୁ ପାର୍ଶ୍ୱବର୍ତ୍ତୀ ବିମାନ ବନ୍ଦର ଓ ରେଲୱେ ଷ୍ଟେସନ । ସେଠାରୁ ଜିରୋ ଘାଟି ପାଖାପାଖି ୧୨ ଘଣ୍ଟାର ରାସ୍ତା । ପର୍ଯ୍ୟଟକମାନେ ବସ୍ ବା ଟ୍ୟାକ୍ସି ଦ୍ୱାରା ସେଠାରେ ପହଞ୍ଚ ପାରିବେ ।

---

## ବିଶ୍ୱର ବୃହତ୍ତମ ସପିଂ ମଲ୍





ବିଶ୍ୱର ବୃହତ୍ତମ ସପିଂ ମଲ୍ଟି ଚାଇନାର ଡୋଙ୍ଗ୍ଗୁଆନ୍ରେ ଅଛି । ନାମ- 'ସାଉଥ୍ ଚାଇନା ମଲ୍' । ସତୁରି ଲକ୍ଷ ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ମଲ୍ଟି ଛିଡ଼ାହୋଇଛି । ମଲ୍ରେ ରହିଛି ମୋଟ ୨୩୫୦ଟି ଦୋକାନ-ଘର । ଆଉ ମଲ୍ ସଂପର୍କରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏକଦା ଏହାର ଅନେଶତ ପ୍ରତିଶତ ସ୍ଥାନ ଖାଲି ପଡ଼ିଥିଲା । ମଲ୍ଟି ନୂଆ ନୁହେଁ । ୨୦୦୫ରେ ହୁ ଗୁଇରଙ୍ଗ୍ ନାମକ ବ୍ୟବସାୟୀ ମଲ୍ଟି ତିଆରି କରାଇଥିଲେ । ତେବେ, କେହି ଭଡ଼ା ନ ନେବାରୁ ପ୍ରାୟ ଦଶ ବର୍ଷ ଖାଲି ପଡ଼ିଥିଲା । କେବଳ ତଳ ମହଲାରେ ଅଳ୍ପ କେତୋଟି ଫାଷ୍ଟ୍ ଫୁଡ୍ ଦୋକାନ ଥିଲା । ବିଶେଷ କେହି ଆସୁ ନ ଥିଲେ । ମଲ୍ରେ ଲାଗିଥିବା ଲିଫ୍ଟ, ଏସ୍କାଲେଟର ଆଦି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇଯାଇଥିଲା । ହୁ ଜଣେ ନୁଡଲ୍ ବ୍ୟବସାୟୀ । ସେ ନିଜର ସଞ୍ଚିତ ଅର୍ଥର ଏକ ବଡ଼ ଭାଗ ମଲ୍ ?ରେ ଲଗାଇଥିଲେ । ମଲ୍ ଭିତରେ ନାନା ଅଭିନବ ବ୍ୟବସ୍ଥା କରାଇଥିଲେ । ରୋଲର କୋଷ୍ଟର ଲଗାଇଥିଲେ । ଭେନିସ୍ ଢାଞ୍ଚାରେ କୃତ୍ରିମ କେନାଲ୍ ଏବଂ ଗଣ୍ଡୋଲା ବିହାରର ବ୍ୟବସ୍ଥା କରିଥିଲେ । ବିଶିଷ୍ଟ ସିନେମା ନିର୍ମାତା ସାମ୍ ଗ୍ରିନ୍ ମଲ୍ଟି ଉପରେ 'ୟୁଟୋପିଆ ପାର୍ଟ୍ ଥ୍ରି : ଦ ୱାର୍ଲ୍ଡସ ଲାର୍ଜେଷ୍ଟ୍ ସପିଂ ମଲ୍' ନାମରେ ପ୍ରାମାଣିକ ଚଳଚ୍ଚିତ୍ର ତିଆରି କରିଥିଲେ । ୨୦୧୫ ପରେ ମଲ୍ କ୍ରମଶଃ ଏକ ବଡ଼ ବ୍ୟବସାୟ ପେଣ୍ଠରେ ପରିଣତ ହୋଇଥିଲା ।

## ହବିଷ ଡାଲମା

**ଆବଶ୍ୟକ ସାମଗ୍ରୀ:** ମୁଗ ଡାଲି, ଓଉ, ଅଦା, ସାରୁ, ଆଳୁ, ପାଣି କଖାରୁ, ଘିଅ, ହେଙ୍ଗୁ, ଜିରା, ତେଜପତ୍ର, ଶୁଖିଲା ଲଙ୍କା, କୋରା ନଡ଼ିଆ, ଧନିଆ ପତ୍ର ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗ ଡାଲିକୁ ୧୦ ମିନିଟ୍ ଯାଏଁ ବତୁରାଇ ରଖନ୍ତୁ । ସେହି ସମୟ ମଧ୍ୟରେ ପରିବା କାଟି ଦିଅନ୍ତୁ । ଏହା ପରେ ପ୍ରେସର କୁକରରେ ବତୁରା ଡାଲି, ଓଉ, ସାରୁ, ପାଣି କଖାରୁ, ଆଳୁ ଏବଂ ଆବଶ୍ୟକ ଅନୁସାରେ ପାଣି ଦେଇ ଏହାକୁ ଚୁଲିରେ ବସାଇ ଦିଅନ୍ତୁ । ପ୍ରେସର କୁକର ଗୋଟିଏ ସିଟି ମାରିବା ପରେ ତାକୁ ଓହ୍ଲାଇ ଦିଅନ୍ତୁ ।

ଏବେ କରେଇରେ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲେ ସେଥିରେ ତେଜପତ୍ର, ଜିରା ଓ ହେଙ୍ଗୁ ପକାଇ ଫୁଟାନ୍ତୁ । ଏହା ପରେ ସେଥିରେ ପ୍ରେସର କୁକରରେ ଥିବା ଡାଲିକୁ ମିଶାଇ ଦିଅନ୍ତୁ । ଶେଷରେ ଅଳ୍ପ କୋରା ନଡ଼ିଆ, ଜିରା ଓ ଶୁଖିଲା ଲଙ୍କା ଗୁଣ୍ଡକୁ ତା' ଉପରେ ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ହବିଷ ଡାଲମା ।



## ଫଙ୍ଗାଲ୍ ଇନ୍ଫେକ୍ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି

ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ । ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ । ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

♦ ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି । ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶ । ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ ।

♦ ଲେମ୍ବୁ ମଞ୍ଜିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ । ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧ୍ୟରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ ।

♦ ଆହୁରି ମଧ୍ୟ ଲେମ୍ବୁ ମଞ୍ଜିରେ ଭିଟାମିନ୍ ସି ରହିଛି, ଯାହା ତ୍ୱଚାକୁ ସୁସ୍ଥ ରଖି ଉଜ୍ଜ୍ୱଳ କରିଥାଏ । ତ୍ୱଚାରେ ପ୍ରତିଦିନ ଲେମ୍ବୁ ମଞ୍ଜି ବ୍ୟବହାର କଲେ, ଆପଣଙ୍କ ତ୍ୱଚା ମଏଶ୍ଚୋରାଇଜ୍ ରହିଥାଏ ।

♦ ସାଧାରଣତଃ ହାତ ଓ ପାଦ ଆଙ୍ଗୁଳିରେ ଫଙ୍ଗଲ୍ ଇନ୍ଫେକସନ୍ ଅଧିକ ହୋଇଥାଏ । ସେହି ସ୍ଥାନରେ ଲେମ୍ବୁ ମଞ୍ଜିର ତେଲ ଲଗାଇଲେ, ଇନ୍ଫେକ୍ସନ୍ ଭଲ ହୋଇଥାଏ । ଏହା ସହିତ ତ୍ୱଚାରେ ହେଉଥିବା ଆଲର୍ଜି ମଧ୍ୟ ଦୂର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଉତ୍ତମ ପଦକ୍ଷେପ...

ବର୍ଷ ପରେ ବର୍ଷ ଅନିଶ୍ଚିତତାର ଘେରରେ ରହିବା ଯୋଗୁଁ ଶେଷରେ ଧାରା ସୋରିଷ ଶଙ୍କରଜାତୀୟ (ହାଇବ୍ରିଡ)-୧୧ ବା ଡିଏମ୍ଏଚ୍-୧୧ ସୋରିଷ ବିହନକୁ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ନିମନ୍ତେ ଗତ ସପ୍ତାହରେ ମଞ୍ଜୁରୀ ପ୍ରଦାନ କରିଛି ଜେନେଟିକ୍ ଇଞ୍ଜିନିୟରିଂ ଆପ୍ରେଇଜାଲ କମିଟି (ଜିଇଏସି) । ଏହି ଅନୁମୋଦନକୁ ଏକ ଉତ୍ତମ ପଦକ୍ଷେପ କୁହାଯାଇପାରେ । ଜିଇଏସିର ଜେନେଟିକାଲି ମୋଡ଼ିଫାଏଡ୍ (ଜିଏମ୍) ସୋରିଷ ଉପରେ ଗଠିତ ବିଶେଷଜ୍ଞ କମିଟି ଏକ ବୈଜ୍ଞାନିକ ଫାଇଲକୁ ଗ୍ରହଣ କରିଛନ୍ତି । ଏହି ଫାଇଲଟି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ପୂର୍ବତନ କୁଳପତି ଦୀପକ ପେଣ୍ଟାଲଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ମହୁମାଛି ଭଳି ପରାଗ ସଂଗମ କରାଉ ଥିବା କୀଟ ପତଙ୍ଗମାନଙ୍କ ଉପରେ ଜାରି କରାଯାଇଥିବା ଉତ୍ତର-ପାରିବେଶିକ ଅଧ୍ୟୟନଗୁଡ଼ିକୁ ଭାରତୀୟ କୃଷି ଗବେଷଣା ପରିଷଦ ମଞ୍ଜୁରୀ ପ୍ରଦାନ କରି ସାରିଥିଲା । ସଂକ୍ଷେପରେ କହିଲେ, ବୈଜ୍ଞାନିକମାନେ ଜିଏମ୍ ସୋରିଷକୁ ଅନୁମୋଦନ ପ୍ରଦାନ କରି ସାରିଛନ୍ତି ; ବର୍ତ୍ତମାନ ବଲଟି ରାଜନେତାମାନଙ୍କ କୋର୍ଟରେ ଗୃହୀତ ହେବା ଅପେକ୍ଷାରେ ରହିଛି । ଆଉ ଏଇ ଅବସ୍ଥାଟି ହିଁ ଉପରୋକ୍ତ ଫସଲର ଭାଗ୍ୟ ନିର୍ଦ୍ଧାରଣ କରିବ । ଏହା ତ ସମସ୍ତଙ୍କୁ ଜଣା ଯେ ରାଜନେତାମାନେ ସହଜରେ ସବୁ କଥାକୁ କିପରି ଗ୍ରହଣ କରିଥାନ୍ତି ! ବୈଜ୍ଞାନିକ ଓ ସରକାରୀ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ଗୋଷ୍ଠୀ ରହିଛନ୍ତି, ଯେଉଁମାନେ ବିଶ୍ୱାସ କରନ୍ତି ଯେ ଜିଏମ୍ ବିହନଗୁଡ଼ିକ ବୈଷୟିକ ଜ୍ଞାନକୌଶଳକୁ କୃଷି ସହିତ ସମ୍ମିଳିତ କରି ବିଜ୍ଞାନର ଶକ୍ତିକୁ କାମରେ ଲଗାଇ ଅଧିକ ଫସଲ ଅମଳ ସଙ୍ଗେ ସଙ୍ଗେ କ୍ଷତିର ପରିମାଣକୁ କମାଇ ଅଧିକ ନମନୀୟ ପ୍ରକାରଗୁଡ଼ିକର ସୃଷ୍ଟି କରିବ, ଯାହା ଜଳବାୟୁ ସଂକଟ ପରିପ୍ରେକ୍ଷୀରେ ବିଶେଷ ସହାୟକ ହେବ । ତେଣୁ ଏହାର ଅତ୍ୟାବଶ୍ୟକତା ରହିଛି । ଅନ୍ୟ ଏକ ଗୋଷ୍ଠୀ କୁହନ୍ତି ଯେ ଜିଏମ୍ ଉତ୍ପାଦଗୁଡ଼ିକର ଲାଭଗୁଡ଼ିକ ଅସମ ହୋଇଥାଏ, ଏବଂ ସେଗୁଡ଼ିକ ମୃତ୍ତିକା ଓ ଫସଲର ବିବିଧତା, ପରିବେଶ ଏବଂ ଖାଦ୍ୟ ସୁରକ୍ଷା ପ୍ରତି ଅପୂରଣୀୟ କ୍ଷତି ପହଞ୍ଚାଇ ପାରନ୍ତି । ଶଙ୍କରଜାତୀୟ ବିହନର ପ୍ରକାରଗୁଡ଼ିକ ସାଧାରଣତଃ ଅଧିକ ଶକ୍ତିଶାଳୀ ହୋଇଥାନ୍ତି ଏବଂ ସୋରିଷ, ଯାହା ଏକ ତୈଳବୀଜ, ତା' କ୍ଷେତ୍ରରେ ଏହା ଅଧିକ ଅମଳ ଅର୍ଥାତ୍ ଅଧିକ ଖାଇବା ତେଲ ଉତ୍ପାଦନ କରିବାର ସମ୍ଭାବନା ବହନ କରେ । ଭାରତରେ ବିଭିନ୍ନ ପ୍ରକାରର ସୋରିଷ ବିହନ ଚାଷ କରାଯାଉଥିଲେ ମଧ୍ୟ ଜନସଂଖ୍ୟାର ଚାହିଦା ଅନୁସାରେ ଏସବୁ ପ୍ରକାର ଆବଶ୍ୟକୀୟ ଅମଳ ପ୍ରଦାନ କରିବାରେ ଅସମର୍ଥ ହେଉଥିବାରୁ ଭାରତକୁ ବିଦେଶରୁ ଖାଇବା ତେଲ ଆମଦାନୀ କରିବାକୁ ପଡୁଛି । ଭାରତ ଏହାର ଖାଇବା ତେଲର ପ୍ରାୟ ୬୦ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ, ଯାହାର ମୂଲ୍ୟ ଗତ ଆର୍ଥିକ ବର୍ଷରେ ୧୯ ବିଲିଅନ୍ ଡଲାର ଥିଲା । ଆମଦାନୀ ଉପରେ ନିର୍ଭରଶୀଳତା ଖାଦ୍ୟ ସୁରକ୍ଷାକୁ ଅନିଶ୍ଚିତତା ଭିତରକୁ ଠେଲିଦେବା ଏକ ସ୍ୱାଭାବିକ କଥା ପୁନଶ୍ଚ, ରୁଷିଆର ୟୁକ୍ରେନ୍ ସହିତ ଯୁଦ୍ଧ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ବିଶେଷକରି ତୈଳ ସଂକଟକୁ ଅଧିକ ବୃଦ୍ଧି କରିଛି ବେଶ୍ କେତେ ଦଶନ୍ଧି ଧରି ବୈଜ୍ଞାନିକମାନେ ଉଦ୍ୟମ କରି ଆସୁଥିଲେ ସୁଦ୍ଧା ସୋରିଷର ଶଙ୍କରଜାତୀୟ ବିହନକୁ ଚାଷ କରାଯିବା ସମ୍ଭବପର ହୋଇନାହିଁ । ସମ୍ପ୍ରତି ଜିଏମ୍ ସୋରିଷର ଅନୁମୋଦନ ପରେ ସ୍ୱଦେଶୀ ଜାଗରଣ ମଞ୍ଚ (ଏଜେଏମ)ର ସହ-ଆବାହକ ଅଶ୍ୱିନୀ ମହାଜନ ଗଣମାଧ୍ୟମକୁ କହିଛନ୍ତି ଯେ 'ଜିଏମ୍ ସୋରିଷ ନା ତ ସ୍ୱଦେଶୀ, ନା ନିରାପଦ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଫସଲରେ ଅଧିକ ହର୍ବସାଇଡ୍ ପ୍ରୟୋଗ କରାଯିବାର ସମ୍ଭାବନା ରହିବ, ଯାହା କ୍ୟାନ୍ସର ଭଳି ରୋଗ ସୃଷ୍ଟି କରିବା ନେଇ ଆଗରୁ ପ୍ରମାଣିତ ହୋଇ ସାରିଛି । ସେ ମଧ୍ୟ ବିସ୍ମୟ ପ୍ରକାଶ କରିଛନ୍ତି ଯେ ଗ୍ଲାଇଫୋସେଟ୍ ଯେତେବେଳେ କ୍ୟାନ୍ସର ରୋଗ ସୃଷ୍ଟିକାରୀ ବୋଲି ପ୍ରମାଣିତ ହୋଇ ସାରିଛି, ଜିଇଏସି ସେତେବେଳେ ଏହାକୁ କେମିତି ଅନୁମୋଦନ କରି ପାରିବ ! ଉଲ୍ଲେଖଯୋଗ୍ୟ ଯେ ଏଜେଏମ୍ ଦୀର୍ଘ ବର୍ଷ ହେବ ଜିଏମ୍ ସୋରିଷର ଅନୁମୋଦନକୁ ବିରୋଧ କରି ଆସୁଛି । ୨୦୧୭ରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜିଏମ୍ ସୋରିଷ ଫସଲକୁ ଅବୈଜ୍ଞାନିକ, ମାରାତ୍ମକ ଏବଂ ଜୈବ ବିବିଧତା-ବିରୋଧୀ ବୋଲି ଦର୍ଶାଇ ପତ୍ର ଲେଖିଥିଲା । ତେବେ ଏଜେଏମ୍ର ଆଶଙ୍କାଗୁଡ଼ିକ ଅମୂଳକ ବୋଲି ଦର୍ଶାଯାଇ ସାରିଛି । ୨୦୧୭ରେ ଭାରତ ସରକାରଙ୍କ ପ୍ରତିନିଧିମାନେ ଏକ ସଂସଦୀୟ କମିଟିକୁ କହିଥିଲେ ଯେ ଭାରତୀୟ ନୀତି ନିୟାମକମାନେ ବିଟି-କପା, ବିଟି-ବାଇଗଣ ଏବଂ ଜିଏମ୍ ସୋରିଷର ଆକଳନ କରିଛନ୍ତି ଏବଂ ସେଗୁଡ଼ିକ ପ୍ରାଣୀମାନଙ୍କ ପାଇଁ ନିରାପଦ ଖାଦ୍ୟ ହୋଇ ପାରିବା ଜାଣିବାକୁ ପାଇଛନ୍ତି । ମୁଖ୍ୟ କଥା ହେଉଛି, ଭାରତରେ କୃଷିକ୍ଷେତ୍ର ଅଧିକ ଉତ୍ପାଦନକ୍ଷମ ହେବା ସହିତ କୃଷକର ଆୟ ପରିପୋଷଣୀୟ ଭାବରେ ବୃଦ୍ଧି ହେବା ଆବଶ୍ୟକ । ୨୦୧୨ରୁ ୨୦୧୫ ମଧ୍ୟରେ ଆଇସିଏଆର ମହାରାଷ୍ଟ୍ରରେ ବିଟି-କପାର ପ୍ରଭାବ ଉପରେ ଏକ ଅଧ୍ୟୟନ କରିଥିଲା । ଏହା ଜାଣିବାକୁ ପାଇଥିଲା ଯେ ଜିଏମ୍ ପ୍ରଯୁକ୍ତିକୁ ଗ୍ରହଣ କରାଯିବା ପରେ କପାର ଉତ୍ପାଦନରେ ହାରାହାରି ପରିମାଣର ବୃଦ୍ଧି ଘଟିଥିଲା । ସମ୍ପ୍ରତି ଜିଏମ୍ ସୋରିଷର ଗବେଷଣା ନିମନ୍ତେ ସରକାରୀ ଅର୍ଥ ବ୍ୟୟ ହୋଇଛି । କୌଣସି ନୂଆ ଜିନିଷକୁ ବିରୋଧ କରିବା ଲୋକମାନଙ୍କର ଏକ ଚିରାଚରିତ ଅଭ୍ୟାସ । ତେଣୁ ସରକାର ଜିଏମ୍ ସୋରିଷର ଚାଷ ପାଇଁ ସବୁ ଦିଗକୁ ବିଚାର କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ।

## ନାରୀ ହାତର ସୃଜନକଳା ମୁରୁଜ



### ଡ଼ଃ.ଅରୁନ୍ଧତୀ ଦେବୀ

ବହୁ ବର୍ଷ ପୂର୍ବେ ଚିତ୍ରଲକ୍ଷଣ ନାମରେ ଜଣେ ରାଜା ଥିଲେ । ତାଙ୍କ ସମୟରେ ସେ ଥିଲେ ଜଣେ ପ୍ରସିଦ୍ଧ ଚିତ୍ରକର । ଏକଦା ରାଜା ଚିତ୍ରଲକ୍ଷଣଙ୍କ ଦରବାରର ମହାପଣ୍ଡିତଙ୍କର ପୁତ୍ରର ଅକାଳ ମୃତ୍ୟୁ ଘଟିବାରୁ ମହାପଣ୍ଡିତଙ୍କ ସମେତ ସାରା ରାଜ୍ୟବାସୀ ଏହି ଘଟଣାରେ ଦୁଃଖିତ ହୋଇପଡ଼ିଲେ । ପଣ୍ଡିତଙ୍କ ପୁତ୍ରକୁ ଜୀବନଦାନ ଦେବା ପାଇଁ ସମସ୍ତେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ ମୃତ ପଣ୍ଡିତ ପୁତ୍ରଙ୍କର ଚିତ୍ର ମୁରୁଜରେ ଆଙ୍କିଲେ ସେ ସେହି ଚିତ୍ରକୁ ଜୀବନଦାନ କରିବେ । ବ୍ରହ୍ମାଙ୍କ ଏପରି ନିର୍ଦ୍ଦେଶରେ ରାଜା ଚିତ୍ରଲକ୍ଷଣ ନିଜେ ମୁରୁଜରେ ପିଲାଟିର ଚିତ୍ର ଆଙ୍କିଲା ପରେ ବ୍ରହ୍ମା ସେହି ଚିତ୍ର ପ୍ରତିମାଟିକୁ ଜୀବନଦାନ ଦେଇଥିଲେ । ସେହି ଦିନଠାରୁ ମୁରୁଜକୁ ସାରା ରାଜ୍ୟବାସୀ ଶୁଭ ବୋଲି ମାନିଲେ ଏବଂ ପ୍ରତ୍ୟେକ ଦିନ ଘର ଅଗଣାରେ ମୁରୁଜରେ ଚିତ୍ର ଆଙ୍କିବାକୁ ଲାଗିଲେ । ବହୁବର୍ଷ ପୂର୍ବେ ଅଣ୍ଡଲ ନାମକ ଜଣେ ଯୁବତୀ ଥୀରୁମଲ ନାମକ ଦେବତାଙ୍କୁ ପୂଜା କରିବା ସହ ପ୍ରତିଦିନ ମୁରୁଜ ଆଙ୍କୁଥିଲା । ପୂଜା କରିବାର କିଛି ଦିନ ମଧ୍ୟରେ ତାର ବିବାହ ହୋଇଯାଇଥିଲା । ଅଣ୍ଡଲ ମାରଖାଜୀ ମାସ (୧୫ ଡିସେମ୍ବର ଠାରୁ ୧୫ ଜାନୁଆରୀ)ରେ ବିବାହ କରିଥିବାରୁ ଏହି ମାସରେ ଅବିବାହିତ ତାମିଲ ଝିଅମାନେ ସକାଳୁ ଉଠି ମୁରୁଜ ପକାଇ ଥୀରୁମଲଙ୍କୁ ପୂଜା କରିଥାନ୍ତି । ଏପରି କରିବା ଦ୍ୱାରା ଅବିବାହିତ ଝିଅମାନଙ୍କର ବିବାହ ଶୀଘ୍ର ହୋଇଯାଇଥାଏ ବୋଲି ବିଶ୍ୱାସ କରାଯାଏ ।

ହିନ୍ଦୁ ପରମ୍ପରାର ପୂଜା ପଦ୍ଧତି ସହ ମୁରୁଜ ଅଙ୍ଗାଙ୍ଗି ଭାବେ ଜଡ଼ିତ । ଦେବାଦେବୀଙ୍କ ଆରାଧନା ଓ ଅନ୍ୟ ଶୁଭ କାର୍ଯ୍ୟ ଯଥା ଯଜ୍ଞ, ବିବାହ, ବ୍ରତଘର ଓ ପୂର୍ବ ପୁରୁଷଙ୍କ ପିଣ୍ଡଦେବା ସମୟରେ ମୁରୁଜ ବ୍ୟବହାର କରାଯାଇଥାଏ । ମିଳିଥିବା ପ୍ରମାଣ ଅନୁସାରେ ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା ସମୟରେ ମୁରୁଜ ଅଙ୍କାଯାଉଥିଲା । ସେତେବେଳେ ମୁରୁଜକୁ 'ଆଲ୍ପନା' କୁହାଯାଉଥିଲା, ଯାହା ସଂସ୍କୃତ ଶବ୍ଦ 'ଓଲାନପିନ'ରୁ ଉଦ୍ଭୃତ, ଯାହାର ଅର୍ଥ ଚିତ୍ର ଆଙ୍କିବା । ମୁରୁଜର ବ୍ୟବହାର ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତନ୍ତ୍ରଶକ୍ତିର ଆଗମନ ସହିତ ହିନ୍ଦୁ ପୂଜା ପଦ୍ଧତିରେ ପ୍ରବେଶ ହୋଇଥିଲା ବୋଲି ଅନୁମାନ କରାଯାଏ । ମୁରୁଜରେ କୁଣ୍ଡଳୀ, ଚକ୍ର କ୍ଷେତ୍ର, ପଦ୍ମ କ୍ଷେତ୍ର, ଷଡ଼କ୍ଷେତ୍ର ଆଦି ଆକୃତିଗୁଡ଼ିକୁ ଅଙ୍କାଯାଇ ଉପାସ୍ୟ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଉଥିଲା । ପୂର୍ବେ ହିନ୍ଦୁଧର୍ମରେ ପ୍ରକୃତି ପୂଜା କରାଯାଉଥିଲା । ଏହି ପ୍ରକୃତିକୁ ପ୍ରତିମା ରୂପ ଦେଇ ପୂଜା କଲାବେଳେ ତାଙ୍କର ଆସ୍ଥାନ ପାଇଁ ମୁରୁଜର ବ୍ୟବହାର କରାଗଲା । ୧୨ଶ ଓ ୧୩ଶ ଶତାବ୍ଦୀ ବେଳକୁ ମୁରୁଜ ସଂସ୍କୃତି ଶ୍ରୀମନ୍ଦିରରେ ପ୍ରବେଶ କଲା । ଶ୍ରୀମନ୍ଦିରର ରୋଷେଇ ଶାଳରେ ମୁରୁଜ ଆଙ୍କି ଅବଢ଼ା ହାଣ୍ଡି ରଖାଗଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସହିତ ଲକ୍ଷ୍ମୀଙ୍କୁ ମୁରୁଜରେ ଚିତ୍ର ଆଙ୍କି ପୂଜା କରାଗଲା । ମୁରୁଜ ଗୁଣ୍ଡରଙ୍ଗ ହୋଇଥିବାରୁ ଏହା ଶୀଘ୍ର ନଷ୍ଟ ହୋଇଯାଉଥିଲା, ତେଣୁ ଝୋଟି ଚିତା ଆଙ୍କିବା ପ୍ରଥା ଆରମ୍ଭ ହେଲା । ଶ୍ରୀମନ୍ଦିରରେ ମୁରୁଜର ବ୍ୟବହାର ପରେ ଓଡ଼ିଆ ସଂସ୍କୃତିରେ ଏହାର ବହୁଳ ବ୍ୟବହାର କରାଗଲା । ମରାଠାମାନଙ୍କ ଆଗମନରେ ମୁରୁଜ ସହ ଅବିର ରଙ୍ଗ ବ୍ୟବହାର କରାଗଲା । ପରେ ଶୈବ ଓ ଶାକ୍ତ ଧର୍ମର ବହୁଳ ବ୍ୟବହାର ଘଟିବାରୁ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଆଙ୍କି ପୂଜା କରିବା ଆରମ୍ଭ ହେଲା । ପୌରାଣିକ କିମ୍ବଦନ୍ତୀ ଅନୁସାରେ ପତ୍ନୀ ବ୍ୟଭିଚାରୀ ହେଲେ ଯାଇ ତାଙ୍କ ମୃତ୍ୟୁ ହେବ ଅନ୍ୟଥା ସେ ଅମର ବୋଲି ଜଳନ୍ଧରଙ୍କୁ ବର ମିଳିଥିଲା । ବର ପାଇଥିବା ଜଳନ୍ଧରଙ୍କୁ ମାରିବା ପାଇଁ ଶ୍ରୀକୃଷ୍ଣ ଜଳନ୍ଧରଙ୍କ ବେଶରେ ଆସି ବୃନ୍ଦାବତୀଙ୍କ ସତୀତ୍ୱ ହରଣ କରିଥିଲେ। ସ୍ୱାମୀଙ୍କ ବ୍ୟତୀତ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରକ୍ଷା କରିଥିବାରୁ ବୃନ୍ଦାବତୀଙ୍କ ସତୀତ୍ୱ ଉପରେ ପ୍ରଶ୍ନ ହେବାରୁ ତାଙ୍କୁ ପଞ୍ଚବନୀ ରସ ବା ଅମୃତ ରସରେ ପବିତ୍ର କରାଯାଇଥିଲା । ଏହି ପଞ୍ଚବନୀ ଶବ୍ଦରୁ ପଞ୍ଚକ ଜାତ । କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚକ ଭାବେ ପାଳନ କରାଯାଏ । ଏହି ସମୟରେ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଅଙ୍କାଯାଇ ପୂଜା କରାଯାଏ । ଅରୁଆ ଚାଉଳ ଗୁଣ୍ଡକୁ ମୁରୁଜ ଭାବେ ବ୍ୟବହାର କରାଯାଏ । ଅଧିକ ଆକର୍ଷଣୀୟ କରିବା ପାଇଁ ମୁରୁଜରେ ବିଭିନ୍ନ ରଙ୍ଗ ମିଶାଯାଇଥାଏ । ପୂର୍ବେ ଗଛର ପତ୍ର, ଫୁଲ ପାଖୁଡ଼ା ଆଦିକୁ ଗୁଣ୍ଡ କରି ବିଭିନ୍ନ ରଙ୍ଗ ପ୍ରସ୍ତୁତ କରାଯାଉଥିଲା । ଧଳା ରଙ୍ଗ ପାଇଁ ଚାଉଳ ଗୁଣ୍ଡ, ହଳଦୀଗୁଣ୍ଡ ସହ ଚୁନପଥର ଗୁଣ୍ଡର ମିଶ୍ରଣ, ମାଟିଆ ରଙ୍ଗ ପାଇଁ ଗଛର ଶୁଖିଲା ବକଳ ଓ କଳା ରଙ୍ଗ ପାଇଁ ନଡ଼ିଆ ଶଢ଼େଇ, ଘଷି କିମ୍ବା କାଠ ଅଙ୍ଗାରରୁ ପ୍ରସ୍ତୁତ ଅଙ୍ଗାର ବ୍ୟବହାର କରାଯାଉଥିଲା । ଏବେ ଅରୁଆ ଚାଉଳ ଗୁଣ୍ଡ ଛଡ଼ା ଏକପ୍ରକାର ପଥରର ଗୁଣ୍ଡକୁ ବ୍ୟବହାର କରାଯାଉଛି ଓ ବିଭିନ୍ନ ରଙ୍ଗର ଅବିର ମିଶାଇ ରଙ୍ଗୀନ ମୁରୁଜ ପ୍ରସ୍ତୁତ କରାଯାଉଛି । ମୁରୁଜ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ରଙ୍ଗ ମଧ୍ୟରେ ହଳଦୀ, ନାଲି, କଳା, ଧଳା ଓ ସବୁଜ ରଙ୍ଗକୁ ପଞ୍ଚରଙ୍ଗ କୁହାଯାଏ । ବିଭିନ୍ନ ଦେବ ଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରାଯାଏ । ଜଗନ୍ନାଥଙ୍କ ପାଇଁ ହଳଦିଆ, ବଳଭଦ୍ରଙ୍କ ପାଇଁ ସବୁଜ, ସୁଭଦ୍ରାଙ୍କ ପାଇଁ ହଳଦିଆ, ଶିବଙ୍କ ପାଇଁ କଳା ଓ ଧଳା, ସୂର୍ଯ୍ୟ, ଗଣେଶ ଓ ସୁଦର୍ଶନଙ୍କ ପାଇଁ ନାଲି ରଙ୍ଗ ବ୍ୟବହାର କରାଯାଏ ।


♥ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ:୯୯୩୭୧୭୨୮୧୦


## ଜନନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର



### ବିଶ୍ୱବିଜୟୀ ଦାଶ

ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଜଣେ ବିଶିଷ୍ଟ ରାଜନେତା, ପାଇକ ବିଦ୍ରୋହ ର ମହାନାୟକ ବକ୍ସି ଜଗବନ୍ଧୁ ଙ୍କ ଉତ୍ତରଦାୟାଦ୍, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ।ସେ ୧୯୬୪ ମସିହା ଫେବୃୟାରୀ ୧୪ ତାରିଖରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ଗଡ଼ ରୋଡ଼ଙ୍ଗରେ ଜନ୍ମଗ୍ରହଣ କରିଥିଲେ।

ସେ ବିଜେବି କଲେଜରୁ ସ୍ନାତକ ଲାଭ କରିଥିଲେ।କଲେଜରେ ପଢ଼ିବା ବେଳେ ସେ ୧୯୮୩ ମସିହାରେ ଭାରତୀୟ ଜାତୀୟ ଛାତ୍ର ପରିଷଦର ଯୁଗ୍ମ ସମ୍ପାଦକ, ୧୯୮୫ରେ ସାଧାରଣ ସମ୍ପାଦକ, ଓ ୧୯୮୭ରେ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ।୧୯୯୬ରେ ସେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସଭାପତି ହୋଇଥିଲେ।ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା କାଳରେ ସେ ସେଠାର ସିନେଟ ସଦସ୍ୟ ହୋଇଥିଲେ।ସେ ପୁରୀ ଜିଲ୍ଲାର ବ୍ରହ୍ମଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୧୯୯୫, ୨୦୦୦ ଓ ୨୦୦୪ ମସିହାରେ ତିନି ଥର ନିର୍ବାଚିତ ହୋଇଥିଲେ।ସେ ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ।ତାଙ୍କର ଦାମ୍ଭିକତା, ନିର୍ଭୀକତା, ଅପ୍ରିୟ ସତ କହିବାର ସାହସ ଓ ରାଜନୀତିରେ ଦୁଃସାହସିକତା ପ୍ରଦର୍ଶନ କରିବାର ପ୍ରବଣତା ତାଙ୍କୁ ଅନନ୍ୟ ନେତାର ଗୌରବ ପ୍ରଦାନ କରିଥିଲା।ଜଣେ ଦକ୍ଷ ସଂଗଠକ ହିସାବରେ ସମଗ୍ର ଓଡ଼ିଶାରେ ଚର୍ଚ୍ଚିତ ଥିଲେ।ବ୍ରହ୍ମଗିରି ବିଧାନସଭା ତଥା ଓଡ଼ିଶାର ଜନସାଧାରଣଙ୍କ ଦୁଃଖସୁଖ ର ସାଥି ଭାବେ ରହିଥିଲେ।ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶାର ସାମୂହିକ ବିକାଶ ଦିଗରେ ସର୍ବଦା ଚେଷ୍ଟିତ ଥାଇ ବହୁ ଉନ୍ନତି ମୂଳକ କାର୍ଯ୍ୟକରିଥିଲେ।ତାଙ୍କର ନିର୍ଭିକତା ଓ ସ୍ପଷ୍ଟବାଦିତାକୁ ଆଜିର ଯୁବ ସମାଜ ପାଇଁ ଆଦର୍ଶ ଓ ପ୍ରେରଣା।ସେହି ବିଶିଷ୍ଟ ଜ ନନେତା, ପୂର୍ବତନ ବିଧାୟକ ତଥା ଓଡ଼ିଶା ଛାତ୍ର, ଯୁବ ମାନସ ର ପ୍ରତୀକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ୨୦୧୬ ମସିହା ନଭେମ୍ବର ୬ ତାରିଖରେ ଦୁନିଆ ଛାଡ଼ି ଚାଲିଯାଇଥିଲେ।ଆଜି ତାଙ୍କର ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସଂଗଠକ, ସମାଜସେବାର ପରାକାଷ୍ଠା ଏବଂ ରାଜନୈତିକ ପାରଦର୍ଶିତା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶା ର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚାଲି ଯାଇଛନ୍ତି ସେଥିପାଇଁ ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶା ର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।


ଦିନ ଯାଏ, ଚିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୁଲା-ଅପାଶୋରା



ମୁହଁଟିଏ। ଲୁଲୁ ଭାଇ ତୁମେ ଥିଲ ଛାତ୍ର ଯୁବକଙ୍କ ସାଥି ଚିର ଅମର ରହିବ ତୁମ ସ୍ମୃତି...


♥ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ରୋଗ, ଦଲାଲ, ଡାକ୍ତର, ଶେଷରେ ଡାକ୍ତରଖାନା



### ସୁବ୍ରତ କର

ବେଶ କିଛିଦିନ ହେଲ ବିଭିନ୍ନ ଡାକ୍ତରଖାନାରୁ ବେଶ କିଛି ସଂଖ୍ୟାରେ ଦଲାଲମାନେ ଧରା ପଡୁଛନ୍ତି । ଏହା ନିଶ୍ଚୟ ରୋଗୀମାନଙ୍କ ପାଇଁ ଶୁଭ ଖବର । ଏଥିରୁ ଏମସ୍ ଭଳି ଡାକ୍ତରଖାନା ମଧ୍ୟ ବାଦ୍ ପଡ଼ିନାହିଁ । କିଛିଦିନ ତଳେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରୁ ମଧ୍ୟ ଦଲାଲମାନେ ଧରାପଡ଼ିଛନ୍ତି । ଏହା ସବୁ ଡାକ୍ତରଖାନାରେ ଅଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ । ଏହାର ମୂଳ କାରଣ ଲୋକସଂଖ୍ୟା ଅନୁପାତରେ ଡାକ୍ତରଙ୍କ ସଂଖ୍ୟା ଏବଂ ଡାକ୍ତରଖାନାରେ ଥିବା ଶଯ୍ୟା ସଂଖ୍ୟା ଯଥେଷ୍ଟ ନୁହେଁ । ସବୁ କ୍ଷେତ୍ରରେ ଦଲାଲମାନଙ୍କ ଗୋଟାଏ ରୋଲ ରହିଛି ଏବଂ ଏମାନେ ନହେଲେ କୌଣସି ପ୍ରକାରର ଧନ୍ଦା ଚାଲିବା ସମ୍ଭବ ନୁହେଁ । କିନ୍ତୁ ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ କଣ ଦଲାଲ ମାନେ ଖାଲି ଦାୟୀ ? ଡାକ୍ତର ବା ଯେଉଁ ଡାକ୍ତରଖାନାରେ ପୁଲିସ ବାବୁମାନେ ଜଗିଛନ୍ତି ତାଙ୍କର କଣ କିଛି ଦାୟିତ୍ୱ ନାହିଁ ? ଗତକାଲି ଏମ୍ସଠାରେ ୧୩ଜଣ ଦଲାଲ ଧରାପଡ଼ିଛନ୍ତି । ତାଙ୍କର କାମ ହେଲା ବିଶେଷ ଭାବରେ ରାଜ୍ୟ ବାହାରୁ ଆସୁଥିବା ରୋଗୀ ଏବଂ ଗାଁ ଗହଳିରୁ ଆସୁଥିବା ରୋଗୀମାନଙ୍କୁ ବିଶେଷ ଭାବରେ ଟାର୍ଗେଟ କରିଥାନ୍ତି । ଯେକୌଣସି ରୋଗୀ ବିନା ପଇସାରେ ଏମ୍ସରେ ଦେଖେଇ ପାରିବେ । କିନ୍ତୁ ଟିକେଟ୍ ସଂଗ୍ରହ କରିବାର ସମୟ ହେଉଛି ୭.୩୦ଠାରୁ ୧୦.୩୦ ଭିତରେ । ଦଲାଲମାନଙ୍କ କାମ ହେଲା ଏହି ସମୟ ଭିତରେ ଲାଇନ୍ରେ ଛିଡ଼ା ହୋଇ କିଛି ଟିକେଟ୍ ହାତରେ ନେଇ ଟିକେଟ୍ ଫିସ୍ ୩୦୦୦ରୁ ୪୦୦୦ଟଙ୍କାରେ ରୋଗୀମାନଙ୍କୁ ବିକ୍ରି କରିବା । ଏଇଠି ପ୍ରଶ୍ନ ହେଲା ଟିକେଟ୍ ନେଇଥିବା ଲୋକ ବା ଜଗି ରହିଥିବା ଲୋକମାନେ କଣ କିଛି ଦେଖି ପାରନ୍ତି ନାହିଁ ନା ବୁଝି ପାରନ୍ତି ନାହିଁ? ପ୍ରତିଦିନ ଏହି ଘଟଣା ଘଟି ଚାଲିଛି, କେହି କିଛି ଜାଣି ପାରୁନାହାନ୍ତି । ବାଲେଶ୍ୱର ନେବା, ଲାଇନ୍ ନେଉଥିବା ବା ରୋଗୀମାନଙ୍କୁ ଆଣୁଥିବା ଲୋକଙ୍କଠାରୁ ପରିସରରେ ଥିବା ପୁଲିସ ଆଉଟ ପୋଷ୍ଟର ଦୂରତା ବେଶି ନୁହେଁ, ତେବେ ପୁଲିସ କରୁଛି କଣ? ଆଉ ଏକ ପ୍ରକାର ଦଲାଲି ଯେଉଁଥିରେ ଡାକ୍ତରମାନେ ସାମିଲ ଥାଆନ୍ତି । ପ୍ରାୟ ସବୁ ଡାକ୍ତରବାବୁମାନେ ପ୍ରାଇଭେଟ୍ ପ୍ରକ୍ଟିସ୍ କରିଥାନ୍ତି ବା ଅନ୍ୟ ନର୍ସିଂହୋମ୍ ସହିତ ଜଡ଼ିତ ରହିଛନ୍ତି । ସେମାନେ ଦଲାଲମାନଙ୍କ ମାଧ୍ୟମରେ ରୋଗୀଙ୍କୁ ଟେଷ୍ଟ ବା ଚିକିତ୍ସା ପାଇଁ କାର୍ଯ୍ୟରତ ନର୍ସିଂ ହୋମ୍କୁ ପଠାଇଥାନ୍ତି । ସେହି ବାବଦରେ ନର୍ସିଂ ହୋମ୍ ଦଲାଲ ମାନଙ୍କୁ ମୋଟା ଟଙ୍କା ଦେଇଥାନ୍ତି । ଆଉ ଏକ ବାଟ ହେଉଛି ରୋଗୀମାନଙ୍କର ଦରକାର ହେଉଥିବା ଔଷଧ, ଏହାପାଇଁ ଦଲାଲ ମାନେ ରୋଗୀଙ୍କ ଲୋକଙ୍କୁ ଧରି ଠିକଣା ଔଷଧ ଦୋକାନୀରେ ପହଞ୍ଚାଇ ଥାଆନ୍ତି । ଦୋକାନୀ ଦଲାଲମାନଙ୍କ ଭଲ କମିଶନ ଦିଅନ୍ତି । ଏପରିକି ଷ୍ଟେସନ ବା ବସ୍‌ଷ୍ଟାଣ୍ଡ ଠାରେ ଅପେକ୍ଷା କରିଥିବା ରିକ୍ସା ଚାଳକ ବା ଅଟୋ ରିକ୍ସା ଚାଳକ ମଧ୍ୟ ଏହି କାମରେ ଲିପ୍ତ ରହନ୍ତି । ବେଶ ଦୁଇ ପଇସା କମାନ୍ତି । ତେଣୁ ଏହି ଧନ୍ଦାକୁ ରୋକିବା ଏକ କଷ୍ଟକର ବ୍ୟାପାର । ସମ୍ଭବ ଯଦି ସମସ୍ତେ ସଚ୍ଚୋଟ ହେବେ ।





### ଭିନ୍ନ ଏକ ପାଗଳ

#### ଜିତେନ୍ଦ୍ର ଚନ୍ଦ୍ର ସାହୁ

ମୁଣ୍ଡ ଚୁଟି ଜଟ ଗନ୍ଧୁଛି ଉତ୍କଟ
ଅଙ୍କା ବଙ୍କା କରେ ନାଟ
ଅଟହାସ୍ୟ କରେ ଶୂନ୍ୟକୁ ତରାଟି
କେବେ ମଉନର ଘଟ ।
ବେଯୋଡ ଚପଲ ପାଦେ ଦୁଇ ପଟ
ବସ୍ତ୍ରରେ ଅନେକ ଫାଟ
ନାହିଁ ନିଜ ପର ଭୁଲିଯାଏ ବାଟ
ଦୟାରେ ପୁରାଏ ପେଟ ।
ଏମିତି ପାଗଳ ବଜାର ଘାଟରେ
ଅଳପ ହୁଅଇ ଭେଟ
ନିତି ମୁଁ ଦେଖୁଛି ପ୍ରତି ମୁହୂର୍ତ୍ତରେ
ପାଗଳ ମାନଙ୍କ ନାଟ ।
ବେତାର ଖୋଳପା ଲଗାଇ କାନରେ
ମନ କରେ ଛଟପଟ
କାନ୍ଧେ ପରେ ଥୋଇ ମୁଣ୍ଡଟାକୁ ନଇଁ
ଭୁଲି ଯାଏ ନିଜ ବାଟ ।
ନିରବରେ ବସି ଠୋ ଠୋ ହସି
ଖୁସିରେ କେ ନଟପଟ
ସମୟ ଅଳପ ଫୁସ ଫୁ।ସ୍ କଥା
ସାରି ଦିଏ ଚଟାପଟ୍ ।
ଚଉଦ ପୁରୁଷ ଉଦ୍ଧାର କରୁଛି
କ୍ରୋଧରେ କେ ଛଟ ପଟ
ଶାବଳଟା କେବେ ଛୁଂଚି କରି ସିଏ
ବସାଏ ମିଛର ହାଟ ।
ସୁଖ ଦୁଃଖ ଭରା ସଂସାର ଭିତରେ
କେବେ ହୋଇଯାଏ ଫାଟ
ଇଟା ଫାଳ ପରି ମୋବାଇଲ ଧରି
ଭୁଲିଲାଣି କିଏ ପାଠ ।
ସକାଳରୁ ସଞ୍ଜ ଫଟୋ ନଦେଖିଲେ
ପୁରେ ନାହିଁ କାର ପେଟ
ନିଜ ମୁହଁ ଛବି ନିଜେ ଉଠାଇଛି ।
ମୁଖପୁସ୍ତକରେ ଭୋଟ ।
ପ୍ରତି ମୁହୂର୍ତ୍ତରେ ଅଣ୍ଡାଳି ଚାଲିଛି
ଖୋଜେ ଲାଇକ୍ କମେଣ୍ଟ
ବେଳ ଥାଉ ଥାଉ ସୁଧୁରିଲେ ଧନ
ହେବା ନାହିଁ ଛଟ ପଟ ।


♥ ବସୋଇ, ପରଜଙ୍ଗ,
ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦


### କାର୍ତ୍ତିକ ପୁନେଇଁ

#### ସୁନୀଲ କୁମାର ପ୍ରଧାନ

କାର୍ତ୍ତିକ ପୁନେଇଁ ସରିଲା ସଙ୍ଗାତ
ଆର ବରଷକୁ ଦେଖା
ଧରମ ମାସ ଟି ସରିଗଲା ସତେ
ଆଉଥରେ ଦେବ ଦେଖା ।
ବୋଇତ ବନ୍ଦାଣ କରିବେ ସମସ୍ତେ
ଜଳାଇ ମାଟିର ଦୀପ
ଜଳରେ ବୋଇତ ଭସାଇଣ ଦେବା
ମନରୁ ଦୂରେଇ ପାପ ।
କଦଳୀ ପଟରେ ବୋଇତ କରିବା
ପାନ ଗୁଆ ଦେବା ରଖି
ତହିଁର ଉପରେ ପ୍ରଦୀପ ସ୍ଥାପିବା
ଆସ୍ଥାନ ଉପରେ ରଖି ।
କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ
ଆମିଷ ବ୍ୟଞ୍ଜନ ତେଜି
ଶୁଦ୍ଧ ନିରାମିଷ ଭକ୍ଷଣ କରନ୍ତି
କୃଷ୍ଣ ନାମ ତୁଣ୍ଡେ ଭଜି ।
ସବୁରି ସ୍ଥାନରେ ହରିଙ୍କର ନାମ
ଚାଲିଥାଏ ସବୁଠାରେ
ଧରମ ମାସରେ ଧରମ ଅରଜି
କାର୍ତ୍ତିକ ପାଳଇ ଖୁସିରେ ।
ଏ କାର୍ତ୍ତିକ ମାସ ବଡ଼ ଯେ ପବିତ୍ର
ଧରମର ଏହି ମାସ
ଆସ ଭାଇ ଆମେ କାର୍ତ୍ତିକ ପାଳିବା
ପୁଣ୍ୟ ଅରଜିବା ଆସ ।


♥ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬


### ଛାଇ ଆଲୁଅ

#### ସୁଧାକର ରାଉତ

ଶ୍ରାବଣ ବରଷା ପରି ମୋ ଜୀବନେ
ଆସି ଅଦିନେ ବରଷି
ପ୍ରୀତି ନୀରେ ମୋ ହୃଦୟ ସରକୁ
ପୂର୍ଣ୍ଣ କଲ ଗୋ ପ୍ରେୟସୀ ।

ଏବେ ଆକସ୍ମିକ ବାତ୍ୟା ସହ ମିଶି
ଦେଖାଇଲ ନିଜ ରୂପ
ଭୁଲିଗଲ ସବୁ କିପରି ସହିବି
ପ୍ରତାରଣାର ଏ କୋପ ।

ଧଇର୍ଯ୍ୟର ବନ୍ଧ ଭାଙ୍ଗିଦିଏ ତୁମ
ଯନ୍ତ୍ରଣାର ନଈ ବଢି
ପ୍ରୀତିର ଆଶାରେ ନିରାଶା ଅନ୍ଧାରେ
ମରୁଅଛି ଏବେ ସଢ଼ି ।

ବହଳ ବହଳ ଛଳନା ଅଳନ୍ଧୁ
ମୋ ହୃଦୟେ ବସା ବାନ୍ଧି
ଜୀବନକୁ ମୋଠୁ ନେଇଛି ଛଡାଇ
ଦେଇ ମୋ ନିଃଶ୍ୱାସ ରୁନ୍ଧି ।

ଲୁହର ବର୍ଷାରେ ଭିଜିଯାଏ ନିତି
ମୋ ମନର ମାଟି କାନ୍ଥ
ନିରାଶ୍ରୟ ହୋଇ ଯାଯାବର ହେଲେ
କେବେକି ବଞ୍ଚିଛି ପାନ୍ଥ ?
ତୁଚ୍ଛା ଭୋଗ ଲିପସୁ ମନେ ମୋର
ପୋତି
ସ୍ନେହହୀନ ମୃତ ବୀଜ
ଜୀବନ ପାଇଁ ମୋ ଆତୁରତା
ବେଳେ
ଦେଲ ଏ ମାଟିର ଶେଯ ।
ଯନ୍ତ୍ରଣା ସବୁକୁ ସନ୍ତର୍ପଣେ ଧରି
ସଳିତା ସମ ମୁଁ ଜଳେ
ମନ କଥା ଯେବେ ଉତୁରି ଉଠଇ
କବିତା ହୁଏ ସେ କାଳେ ।

ଚୁପି ଚୁପି ଲୁହ ହୃଦ ପତରରୁ
ଖସଇ ହୋଇ ଶିଶିର
ସ୍ୱାଭିମାନ ରବି ତାପ ରେ ତାହାକୁ
ପୋଛିଦିଏ ବାର ବାର ।


♥ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


### ଶୀତ ସଙ୍ଗେ ଆସିଲାଣି କାର୍ତ୍ତିକ


#### ଦିନେଶ ମେହେର

ଏଇତ,
ଉତ୍ତର ଦିଗରୁ ବହି ଆସିଲାଣି
ମୃଦୁ ସମୀର,
ବାତାୟନ ପଥ ଦେଇ
ଧିରେ ଧିରେ ଗାଗର ସହ
ମିଶି ଗଲାଣି ବାଉଳା ପବନ।
ଧରଣୀ ରାଣୀ ଏବେ
ଧୁମସିଆ ଧୁମସିଆ କୁହୁଡି ପରସ୍ତେ
ହେଲାଣି ସଜେଇ,
ପୁଣି ରାତିରେ ଜନ୍ମ ନେଲାଣି
ଅଗଣିତ ଶିଶିର ବିନ୍ଦୁ,
ସକାଳ କୁ ସୂର୍ଯ୍ୟ କିରଣର ସ୍ପର୍ଶେ
ହୀରା ସରି କଲାଣି ଚିକ୍ ମିକ୍।

ଏଇତ,
ଶୀତ ଆସିଲାଣି
ଆସିଲାଣି ସାଙ୍ଗରେ ନେଇ କାର୍ତ୍ତିକ
ମାସକୁ !
ଏହି ମାସେ ପରା ମହୀ ବାସୀ
ମାସଟା ଯାକ କରନ୍ତି ହବିଷ,
ନିରାମିଷ କରନ୍ତି ଭକ୍ଷଣ,
କହନ୍ତି ଏହା ଯେ ଧରମ ମାସ
ବଗ ପକ୍ଷୀ ନିଜେ ହୁଅଇ ନିରାମିଷ।

ଏଇତ
ମାସଟା ଯାକ ଗେଣ୍ଡୁ ଶେଫାଳୀ
ନିଜ ରୂପ ସକାଶେ କରିବେ ରାଜୁତି,
ପ୍ରଭୁ ଚରଣେ ପାଇବେ ଶରଣ
ଧନ୍ୟ ହୋଇ ଯିବ ତାଙ୍କ ପରାଣ,
କ୍ଷିତି ମଧ୍ୟେ ବଡ଼ ସରାଗେ
ହୋଇବ ପୁଣି ବୋଇତ ବନ୍ଦାଣ
ଏଇତ ନୀତି ଯେବେ ହୁଅଇ କାର୍ତ୍ତିକ
ଆଗମନ।


♥ପଳାସ, କଳାହାଣ୍ଡି।
ମୋ - ୮୦୧୮୮୨୮୩୫୬.

# ଏକ ନାମହୀନ ସମ୍ପର୍କ



ଲଳିତ ମୋହନ ମିଶ୍ର



ଜୀବନର ଚଲାପଥରେ ଅନେକ ଘାତ ପ୍ରତିଘାତ ଆସେ, ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ହୁଏ । ବେଳେବେଳେ ଭିଡ ଭିତରେ କିଏ କେତେବେଳେ ସାଉଁଟା ସ୍ମୃତିକୁ ହଜାଇ ଦିଏ ତ କିଏ ନୂତନ ଭାବରେ ଗୁଡିଏ ସ୍ମୃତିକୁ ସାଉଁଟି ନିଏ । ଏମିତି ଖୋଜିବା, ପାଇବା, ହଜାଇବାର ସମୀକରଣ ଭିତରେ କେତେ ଜ୍ଞାତ ଅଜ୍ଞାତ ସମ୍ଭାବନାଗୁଡିକ ସହିତ ପରିଚିତି ହୁଏ । ପ୍ରେମ ଶାଶ୍ୱତ, ଚିରନ୍ତନ । ସତ୍ୟ ପ୍ରେମର ବର୍ଣ୍ଣନା ନାହିଁ । ପ୍ରେମର ପରିଧି ମାଟିରୁ ଆକାଶ ଯାଏ ବ୍ୟାପ୍ତ । ପ୍ରେମର ରଙ୍ଗରେ ରଙ୍ଗୀନ ସାରା ଦୁନିଆ । ପ୍ରେମ ପାଇଁ ତ ଜୀବନ ମଧୁର । ପ୍ରେମ ପାଇଁ ତ ସମ୍ପର୍କରେ ନିବିଡ଼ତା । ପ୍ରେମ ଯଦି ସଫଳ ହୁଏ ମନର ତୃଷ୍ଣା ମେଣ୍ଟିଯାଏ । ଆଉ ଯଦି ଅସଫଳ ହୁଏ ମନ ଚିରଦିନ ଅତୃପ୍ତ ହେଇ ରହିଯାଏ । ଶଙ୍ଖ ତାଳ ଘଣ୍ଟ ଧ୍ୱନି ଓ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେଉଛି ଆଶ୍ରମ । କେତକୀ ଶୁଣିଲା ସେଇ ଚିରକାମ୍ୟ ମଧୁର କଣ୍ଠସ୍ୱର -- ଉଠ ଭଦ୍ରେ ! କୁହ କ'ଣ ଅସୁବିଧା ହୋଇଛି ତୁମର ? ପରମ କାରୁଣିକ ବାବା ଅବଶ୍ୟ ତୁମର ମନୋକାମନା ପୂର୍ଣ୍ଣ କରିବେ । ବାବାଙ୍କ ମୁହଁରୁ କଥା ନ ସରୁଣୁ ତିନିଜଣ ବାବାଙ୍କ ପାଦତଳେ ଲୋଟି ପଡିଲେ । ସେ ହେଉଛନ୍ତି କେତକୀର ସ୍ୱାମୀ ବାନାମ୍ବର ଓ ଶାଶୁ ଶ୍ୱଶୁର । ଏକ ସ୍ୱରରେ କହିଉଠିଲେ - ବାବା ! ପାଞ୍ଚ ବର୍ଷ ହେଲାଣି ଆମେ କୁଳ ରକ୍ଷାକାରୀ ସନ୍ତାନ ସନ୍ତତିର ମୁଖଦର୍ଶନରୁ ବଞ୍ଚିତ । ଆପଣଙ୍କର କୃପା ଦୃଷ୍ଟି ପଡିଲେ ଏଇ ଅଭାଗୀ ବନ୍ଧ୍ୟାଦୋଷରୁ ମୁକ୍ତିଲାଭ କରନ୍ତା । ଆପଣଙ୍କର କୃପାରୁ ଆମର ବଂଶରକ୍ଷା ହୋଇପାରନ୍ତା । ବାବା କହିଲେ - ସେ ପରମ ଲୀଳାମୟ ସ୍ୱାମୀଙ୍କର ଆଶୀର୍ବାଦ ରହିଲେ ଏ ଅବଳା ନିଶ୍ଚିତ ମାତୃତ୍ୱ ଲାଭ କରିବ । ଉଠ ଭଦ୍ରେ ! ଉଠ ! ତୁମର ମନୋସ୍କାମନା ନିଶ୍ଚିତ ପୂର୍ଣ୍ଣ ହେବ । କିଛି ସମୟ ପରେ ବାବା କହିଲେ - ଆଚ୍ଛା ! ଠିକ୍ ଅଛି । ଏବେ ତ ଜନଗହଳି ସମୟ । ନିରୋଳା ସମୟରେ ଆସନ୍ତୁ । ଏକାନ୍ତରେ । କେବଳ ତୁମେ ଭଦ୍ରେ । ଦିବ୍ୟବାସରେ । ମୁଁ ତୁମ ପାଇଁ ଭବ୍ୟ ପୂଜାର ଆୟୋଜନ କରିବି ନୀରବ ନିଶୀଥରେ । ନିଭୃତରେ । ପବିତ୍ର ଲଗ୍ନରେ । ଶୁଦ୍ଧପୁତ ମୁହୂର୍ତ୍ତରେ । କେବଳ ତୁମ ଉପସ୍ଥିତିରେ । ବାବା ଅତି ଶାନ୍ତ ନିର୍ମଳ ସୁମଧୁର କଣ୍ଠରେ କହିଲେ । କେତକୀ ଦୁଃଖିତ ନୟନରେ ବାବାଙ୍କୁ ଦେଖିଲେ । ବାବାଙ୍କ ଶ୍ମଶ୍ରୁ ଏବଂ ପଗଡି ମଧ୍ୟରୁ ଚିହ୍ନା ଚିହ୍ନା ମୁଖମଣ୍ଡଳ ବାରି ହୋଇ ପଡୁଥିଲା । ଅନୁରୂପ ଦୃଷ୍ଟିରେ ତା ଆଡକୁ ଚାହିଁ ରହିଥିଲେ ସ୍ୱାମିଜୀ । ଚାରିଚକ୍ଷୁ ମିଳିତ ହେବାପରେ ଦୁହେଁ ତଲ୍ଲୀନ ହୋଇଗଲେ କେଉଁ ଏକ ମୁଗ୍ଧ-ଅତୀତର ସ୍ମରଣୀୟ ଭାବମୁଦ୍ରାରେ । ସ୍ମୃତି-ଅତୀତର ମୁକ୍ତ ଆକାଶର ଆଖିପଲକରେ ଉଦ୍ଭାସିତ ହୋଇଉଠିଲେ ଦୁଇଟି ପ୍ରିୟ ଚରିତ୍ର । ଦୁଇଟି ପ୍ରାଣପକ୍ଷୀ । କେତକୀ ଆଉ କୌସ୍ତୁଭ । ଦୁହେଁ ଥିଲେ ବାଲ୍ୟସାଥୀ । ବିବର୍ତ୍ତନର ସଂସାରରେ ଏଭଳି ଏକ ମୁହୂର୍ତ୍ତ ଆସିଲା, ଯେତେବେଳେ କି ଦୁହେଁ ଦୁହିଁଙ୍କୁ ଛାଡି ଟିକିଏ ବି ରହି ପାରିଲେନି । ବୟସ ବଢିବା ସଙ୍ଗେ ସଙ୍ଗେ ନିବିଡତା ମଧ ବଢିଲା । ଘଟଣାକ୍ରମରେ ସ୍କୁଲଶିକ୍ଷା ସମାପନ ପରେ ଦୁଇ ଜଣଯାକ ଗୋଟିଏ କଲେଜରେ ହିଁ ନାମ ଲେଖାଇଲେ । ଦୁଇଜଣଙ୍କ ପ୍ରେମକାହାଣୀ ଏକ କାନରୁ ଦୁଇକାନ ତା'ପରେ ସର୍ବତ୍ର । ସଭିଏଁ ଜାଣିଲେ କେତକୀ ଆଉ କୌସ୍ତୁଭ ପରସ୍ପରକୁ ଭଲ ପାଉଛନ୍ତି । ଦୁହେଁ ପାଗଳ-ପ୍ରେମୀ । କଥାରେ ଅଛି, 'ତୁଣ୍ଡ ବାଇଦ ସହସ୍ର କୋଶ' । କଥାଟା କ୍ରମେ ଏକ କାନରୁ ଦୁଇକାନ ହୋଇ ଶେଷରେ ଦୁଇ ପରିବାରର ମୁଖ୍ୟଙ୍କ କାନରେ ପଡିଲା । ସେମାନେ ନିଜସ୍ୱ ଢଙ୍ଗରେ ତାଗିଦ୍ କଲେ । ଧମକାଇଲେ, ପରିଣାମକୁ ନେଇ ବୁଝାଇଲେ । କିନ୍ତୁ ଫଳ ହେଲା ଠିକ୍ ତା'ର ଓଲଟା । ସେ ଦୁଇ ଜଣ ଯାକ ପୂର୍ବ ଅପେକ୍ଷା ଅଧିକ ମିଶିଲେ । ଏବଂ ବେଶୀ ଭଲ ପାଇ ବସିଲେ ପରସ୍ପରକୁ । ଉଡିବୁଲିଲେ ମୁଗ୍ଧ ପକ୍ଷୀ ପ୍ରାୟ ସ୍ୱପ୍ନର ନୀଳାଭ ଆକାଶରେ ଡେଣାମେଲି ଉପରକୁ । ଆହୁରି ଉପରକୁ । କେତକୀର ବାପା ଥିଲେ ବିତ୍ତଶାଳୀ ତଥା ସମାଜର ଜଣେ ପ୍ରଭାବଶାଳୀ ବ୍ୟକ୍ତି । ଅପରପକ୍ଷେ କୌସ୍ତୁଭ ଥିଲା ଜଣେ ସ୍ୱଳ୍ପ ବେତନଭୋଗୀ ପ୍ରାଥମିକ ଶିକ୍ଷକର ପୁଅ । ସାମାଜିକ ପ୍ରତିଷ୍ଠା ଓ ପଦମର୍ଯ୍ୟାଦାକୁ ଲକ୍ଷ୍ୟ ରଖି କେତକୀର ବାପା କେତକୀକୁ ଅନ୍ୟତ୍ର ବିବାହ କରିବା ପାଇଁ ଯୋଜନା କଲେ । କୌଶଳକ୍ରମେ ଦୂରସ୍ଥାନରେ ଥିବା ସଂପର୍କୀୟଙ୍କ ଘରେ ରଖି ବାନାମ୍ବର ସହିତ ବିବାହ କରାଇଦେଲେ । ଆଖିଲୁହ ଆଖିରେ ମରିଗଲା । ସ୍ଥାଣୁପ୍ରାୟ ହୋଇଗଲା ତା'ର ଅବସ୍ଥା । ଦେଖୁ ଦେଖୁ କ୍ଷଣକରେ ଉଜୁଡିଗଲା ଦୁଇଟି ପ୍ରାଣପକ୍ଷୀର କଳ୍ପନାର ସୋହାଗ । ବିବାହର ଦୁଇ ଦିନପରେ ବିରହ ବ୍ୟଥିତା କେତକୀ ଖବର ପାଇଲା କୌସ୍ତୁଭ ଆଉ ଗାଁରେ ନାହିଁ । ପାଗଳ-ପ୍ରାୟ ହୋଇ ଘରଛାଡି କୁଆଡ଼େ ଚାଲିଯାଇଛି । ଏକମାତ୍ର ପୁତ୍ରର ଅବର୍ତ୍ତମାନରେ ତା'ର ବାପା ମାଆ ଜୀବନ ମୃତ ପ୍ରାୟ ଶଯ୍ୟାଗ୍ରସ୍ତ । ଏସବୁ ଶୁଣିଲାପରେ ଦୁଃଖରେ ଜର୍ଜରିତ ହୋଇ କେତକୀ ନିଜକୁ ଦୋଷୀ ମଣିଲା । କ୍ରମେ କ୍ରମେ ସେ ହରାଇ ବସିଲା ନାରୀସୁଲଭ ଜୀବନର ସ୍ୱାଭାବିକତା । ଜଡପ୍ରାୟ ଜୀବନ ନେଇ ସେ ପଡିରହିଲା ସ୍ୱାମୀର ଘରେ । ବୀତସ୍ପୃହତା ଆସିଲା ତା ନିଜ ଜୀବନ ପ୍ରତି । କେଉଁ ଏକ ଅଲୋଡା ତଥା ଅଭିଶପ୍ତ ଜୀବନ ସେ ବିତାଇଲା । କେତକୀ ବିଧୁରା କପୋତୀଟିଏ ପରି ସମୟର ଉଦାସଡାଳରେ ଦିନ କାଟିଲା । ଏଇ ଦୀର୍ଘ ପାଞ୍ଚ ବର୍ଷ ଭିତରେ ସେ ଭୁଲିଯାଇଥିଲା ନିଜ ଜନ୍ମମାଟିକୁ ଆଉ ନିଜ ପରିବାରକୁ । ସେ ବୋଧହୁଏ ଆଉ ଚାହୁଁ ନ ଥିଲା କୌସ୍ତୁଭ -ବିହୀନ ସେଇ ମାଟିରେ ପାଦ ରଖିବାକୁ । ପ୍ରତାରଣା ପୂର୍ଣ୍ଣ ପୋଡା ଅତୀତର ସ୍ମୃତିକୁ ଉଖାରି ବାରମ୍ବାର କ୍ଷତାକ୍ତ ହେବାକୁ ଇଚ୍ଛା କରୁନଥିଲା । ଜଣେ ସନ୍ନ୍ୟାସୀ ହିମାଳୟରେ ଘୋର ତପସ୍ୟା ଏବଂ ସାଧନା ପରେ ବିଜେ କରିଛନ୍ତି ଏଠାକୁ । ଏହି ଜନପଦର ଅଦୂରରେ ଥିବା ନଦୀକୂଳରେ । ଏକ ଛୋଟିଆ ଆଶ୍ରମରେ । ତେଜୋଦୀପ୍ତ ଶରୀର । ମୃଦୁଭାଷୀ । ଅକାଟ୍ୟ ବଚନ । ପରମପୁରୁଷ ପ୍ରଭୁଙ୍କ ଚରଣାଶ୍ରିତ ସାଧୁ । ଅର୍ଥ ପ୍ରତି ଲୋଭ ଲାଳସା ନାହିଁ ସଂସାର -ବୈରାଗୀ ତପୋଧନ । ଦିବ୍ୟଦ୍ରଷ୍ଟା ଯୁବ ସନ୍ନ୍ୟାସୀ । ଏକଥା ଚାରିଆଡ଼େ ପ୍ରଚାରିତ ହୋଇଗଲା ଅତିଶୀଘ୍ର । ସମୟକ୍ରମେ ବାବାଙ୍କ ଆଶ୍ରମରେ ଜନ ସମୁଦ୍ର । ସେହି କ୍ଷୁଦ୍ର ଆଶ୍ରମଟି ପାଲଟିଗଲା ପ୍ରଗାଢ ବିଶ୍ୱାସର ପୁଣ୍ୟକ୍ଷେତ୍ର । ଅଭୀଷ୍ଟ ପୂର୍ତ୍ତିର କାମ୍ୟ ଭୂମି । ଲୋକେ ବିଶ୍ୱାସ କରିବା ଆରମ୍ଭ କଲେ । ତତ୍‌ପଶ୍ଚାତ୍ ଆରମ୍ଭ ହୋଇଗଲା ସ୍ୱାର୍ଥକାମୀ ଲୋକମାନଙ୍କର ଅବାଞ୍ଛିତ ଭିଡ । ଆଉ ସେଇ ଭିଡ ଭିତରେ ଏକଦା ସାମିଲ ହୋଇ ବାବାଙ୍କ ନିକଟରେ ପହଞ୍ଚି ଯାଇଥିଲେ କେତକୀ । ପ୍ରବଳ ଅନିଚ୍ଛା ସତ୍ତ୍ୱେ । ସାଥିରେ ତା'ର ତଥା କଥିତ ସ୍ୱାମୀ ଆଉ ଶାଶୁ ଶ୍ୱଶୁର । ନୀରବ ନିଶୀଥର ନିଷିଦ୍ଧ ପ୍ରହର । ଜନପ୍ରାଣୀ ଶୂନ୍ୟ ସଂପୂର୍ଣ୍ଣ ଇଲାକା ବୁଡି ରହିଥିଲା ଘନ ଅନ୍ଧକାରରେ । କେବଳ ବାବାଙ୍କ କୁଟୀରରେ ହୋମାଗ୍ନି ପ୍ରଜ୍ୱଳିତ ହେଉଥିଲା ଲେଲିହାନ ଶିଖାତୋଳି । ଏକ ବିଶେଷ ମୁଦ୍ରାରେ, ଗୁରୁଗମ୍ଭୀର କଣ୍ଠରେ ବାବା ଉଚ୍ଚାରଣ କରୁଥିଲେ ଅବୋଧ ମନ୍ତ୍ରସବୁ । ଏହି ସମୟରେ ଦିବ୍ୟବେଶ ପରିଧାନ କରି ଆଶ୍ରମର ଏକାନ୍ତ ଗୃହରେ ପ୍ରବେଶ କଲେ ଉତ୍କଣ୍ଠିତା କେତକୀ । ବାବା ପୂର୍ବବତ୍ ଚକ୍ଷୁ ବନ୍ଦ କରି ଉଦ୍ଦିଷ୍ଟ ଆସନରେ ବସିଯିବା ପାଇଁ ଆଦେଶ ଦେଲେ । ପୂଜା ଉପକରଣ ସବୁ ପାଖରେ ଥୋଇଦେଇ ପରିସର ଭିତରୁ ଅତିଶୀଘ୍ର ନିଷ୍କ୍ରାନ୍ତ ହୋଇଯିବା ପାଇଁ ଯୁବକ ଏବଂ ତା ପିତାମାତାଙ୍କୁ ନିର୍ଦ୍ଦେଶ ଦେଲେ ବାବା । ତାଙ୍କ ନିର୍ଦ୍ଦେଶରେ କି ସମ୍ମୋହନ ଶକ୍ତି ଥିଲା କେଜାଣି..... ସେମାନେ ବାବାଙ୍କ ପଦ ବନ୍ଦନା କରି ଅଚିରେ ଅନ୍ତର୍ହିତ ହୋଇଗଲେ ଅନ୍ଧକାର ବକ୍ଷରେ । ପବିତ୍ର ମନ୍ତ୍ରର ଉଚ୍ଚାରଣ ଆଉ ଅନୁରଣନ ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନଙ୍କ ମନରେ ସୃଷ୍ଟି କରୁଥିଲା ଅହେତୁକ ବିଶ୍ୱାସ ଆଉ ସମ୍ଭ୍ରମ । ସେମାନେ ଆଉ ପଛକୁ ଫେରି ଅବଲୋକନ କରିବା ଭଳି ଧୃଷ୍ଟତା ପ୍ରଦର୍ଶନ କରିବା ସ୍ଥିତିରେ ନଥିଲେ । କେତକୀ ଏକଲୟରେ ଚାହିଁ ରହିଥିଲା ତା'ର ଚିର ଈପ୍ସିତ ପୁରୁଷକୁ । ଉତ୍କଣ୍ଠିତ ହୋଇ ସେ ଶୁଣୁଥିଲା ପବିତ୍ର ମନ୍ତ୍ରଧ୍ୱନି । ହୋମାଗ୍ନିର ରକ୍ତିମ ଶିଖାର ପ୍ରତିଫଳନରେ ସେ ଦିଶୁଥିଲେ ସ୍ୱୟଂ କାମଦେବ ଭଳି । ସେ କ୍ରମଶଃ ଅନୁଭବ କଲା, ଦୀର୍ଘ ପାଞ୍ଚବର୍ଷ ଧରି ଜଡୀଭୂତ ଥିବା ତା'ର ନାରୀସୁଲଭ କାମନା ବାସନା ଉଚ୍ଚକିତ ହୋଇଉଠୁଛି ଆସ୍ତେ ଆସ୍ତେ । ଏକ ତୀବ୍ର ଦଂଶନର ଜ୍ୱାଳା ସଂଚରି ଯାଉଛି ତା'ପାଦଦେଶରୁ କଟିତଳ, ଜାନୁସନ୍ଧି, ବକ୍ଷ, ଗ୍ରୀବା ଓଷ୍ଠ ଆଉ କପୋଳଦେଶକୁ । ଏ କି ମଧୁର ଜ୍ୱାଳା ! ସତେକି ଆଗ୍ନେୟଗିରିର ଉତ୍ତପ୍ତ ଲାଭା ସଞ୍ଚରିତ ହେଉଛି ତା'ର ଶରୀର ଉପତ୍ୟକାର ପ୍ରତିଟି କୋଣ ଅନୁକୋଣରେ । କି ତୀବ୍ରତା !! ସେ ଆଉ ଲୋଟି ଯିବନି ତ ତଳେ ! ତା'ର ଅଫୁରନ୍ତ ଯୌବନର ଗୁରୁଭାରରେ !! ଏକ ଅଲୌକିକ ଅନୁଭବ ନେଇ ତା' ଆଖି ବୁଜିହୋଇ ତଳେ ଲୋଟିଯିବା ଆଗରୁ ଦୁଇଟି ବଳିଷ୍ଠବାହୁ ତାକୁ ତୋଳିନେଇ ଶୁଆଇଦେଲା ଏକ କୁଶଶଯ୍ୟା ଉପରେ । ଯାଜ୍ଞିକ କ୍ରିୟାର ଶେଷମନ୍ତ୍ର ଉଚ୍ଚାରଣ ସହ ଏଥର ହୋମାଗ୍ନି ମଧ ନିର୍ବାପିତ ହୋଇ ସାରିଥିଲା । ଚାରିଆଡେ ଖାଲି ଅନ୍ଧାର ଆଉ ଅନ୍ଧାର । ସେଇ ଘନ ଅନ୍ଧକାର ଭିତରେ କେତକୀ ତା'ଶରୀର ଉପରେ ଏକ ବହୁ ପରିଚିତ ମଧୁର ସ୍ପର୍ଶକୁ ଅନୁଭବ କଲା । ସେଇ ଅନୂଢାସ୍ପର୍ଶରେ ସେ ପୁନର୍ବାର ଅନୁଭବକଲା ତା' ଶରୀରର ଦାବାଗ୍ନି ଭଳି ପୁଲକିତ ରୋମାଞ୍ଚ ନଖରୁ ଶିଖ ପର୍ଯ୍ୟନ୍ତ । ସେ ଆଉ ରୋକି ପାରିଲାନି । ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେଲା ନିଜର ପ୍ରିୟତମ ପୁରୁଷ ପାଖରେ । ନିଃସଙ୍କୋଚରେ । ନିର୍ବିକାର ଭାବରେ । ନାରୀ ଜୀବନର ଅନନ୍ତ କ୍ଷୁଧା ପ୍ରଶମିତ ହେବାପରେ ବାବାଙ୍କ କୋଳରେ ପରମ ସୁଷୁପ୍ତି-ସମୁଦ୍ରରେ ବୁଡିଗଲା ସେ କିଛିକ୍ଷଣ । ରାତ୍ରିର ଚତୁର୍ଥ ପ୍ରହର ବିତିଯିବାପୂର୍ବରୁ କେତକୀକୁ ଦୃଢ ଆଲିଙ୍ଗନରେ ଆବଦ୍ଧକରି ଅଜସ୍ର ଚୁମ୍ବନରେ ପ୍ରାଣସିକ୍ତ କରି ବାବା କହିଲେ - ପ୍ରାଣପ୍ରିୟେ ! ଜୀବନରେ କେବେ ବି ଭାବିନଥିଲି ତୁମସହ ଆଉ ଦେଖାହେବ ବୋଲି । ତୁମ ବିନା ସଂସାରତ୍ୟାଗୀ ହେବାପରେ ସନ୍ନ୍ୟାସୀ ହେଲି । ତୁମକୁ ଭୁଲିବା ପାଇଁ ଦୈହିକ କ୍ଳେଶ ବରଣ କରି ଅନେକ କୃଚ୍ଛ୍ରସାଧନା ମଧ କଲି । କିନ୍ତୁ ଏଠି ତୁମକୁ ହଠାତ୍ ଦେଖିଦେବାପରେ ସେ ସମସ୍ତ ସଂଯମତା ଆଉ ବଜ୍ରସାଧନା ନିମିଷକେ ବରଫ ପରି ତରଳିଗଲା । ଆଜି ତୁମର ସାନ୍ନିଧ ଯଦି ପାଇନଥାନ୍ତି ତେବେ ଆତ୍ମଶ୍ଳାଘା ନେଇ ପାଗଳ ହୋଇଯାଇଥାନ୍ତି । ଅଥବା ଅନୁଶୋଚନାର ନିପୀଡନରେ ଆତ୍ମହତ୍ୟା କରି ଦେଇଥାନ୍ତି । ଆଜି ମୁଁ ସବୁକିଛି ପାଇଗଲି । ଆଉ ମୋ ମନରେ କିଛି କାମନା ନାହିଁ ପ୍ରିୟେ ! ତୁମେ ମୋ ପ୍ରାଣଠୁ ଅଧିକ ପ୍ରାଣପ୍ରିୟା । ତୁମର ଭଲପାଇବାକୁ ପାଥେୟକରି ମୁଁ ଆଜି ପୁଣି ଫେରିଯିବି ଅଗମ୍ୟ ହିମାଳୟର ସେଇ ନିଭୃତ ଗିରି ଗୁମ୍ଫାକୁ । ମୁଁ ପୁଣି ତପଶ୍ଚରଣ କରିବି ଆର ଜନ୍ମରେ ତୁମକୁ ପାଇବା ପାଇ । ଜନ୍ମ ଜନ୍ମାନ୍ତର ପାଇଁ ପ୍ରତୀକ୍ଷା କରିବି ତୁମ ଆସିବା ପଥକୁ । ଏହାକହି ସାରିବା ପରେ ବାବା ଲକ୍ଷ୍ୟକଲେ ଏକ ଶୀତଳ ତନ୍ଦ୍ରା ଆଚ୍ଛନ୍ନକରି ରଖିଛି କେତକୀକୁ । ତା'ର ସୁନ୍ଦର ଚକ୍ଷୁ ଦ୍ୱୟରୁ ଅବିରତ ଗଡିଚାଲିଛି ଧାର ଧାର ଲୁହ । ନିଜର ଉଦ୍‌ଗତ ଅଶ୍ରୁକୁ କୌଣସି ପ୍ରକାରେ ରୋକିନେଇ କେତକୀର କପୋଳ ଚୁମ୍ବନ କରି ସେ ପୁନରାୟ କହିଲେ - ହେ ପ୍ରିୟେ ! ମୁଁ ଇଚ୍ଛା କଲେ, ତୁମକୁ ନେଇ କୁଆଡ଼େ ବି ଚାଲି ଯାଇପାରିବି । କିନ୍ତୁ ଏହା କେବେ ବି ଠିକ୍ ହେବ ନାହିଁ । ମୁଁ ତାହା କେବେ ବି କରିବି ନାହିଁ । କାରଣ ଶାରୀରିକ ଭାବରେ ତୁମେ ଏବେ କାହାର ପତ୍ନୀ । କାହାର କୁଳବଧୂ । ତୁମ ସମର୍ପିତ ମନ-ପ୍ରାଣ-ଶରୀରକୁ ପାଇ ସାରିବା ପରେ ମୋ ମନରେ ଆଉ ସାମାନ୍ୟତମ ଅବସୋସ ନାହିଁ । ମୁଁ ଆଜି ସ୍ୱୟଂ ସମ୍ପୂର୍ଣ୍ଣା ତୁମର ସମର୍ପଣ ଭାବକୁ ନେଇ । ମୁଁ ସର୍ବାନ୍ତଃ କରଣରେ ଆଶୀର୍ବାଦ କରୁଛି - ତୁମେ ପୁତ୍ରବତୀ ହୁଅ ! ପରିପୂର୍ଣ୍ଣା ନାରୀ ତଥା ଜନନୀ ହେବାର ସୌଭାଗ୍ୟ ଲାଭକର । ସେତେବେଳକୁ ପୂର୍ବ ଆକାଶରେ ଲାଲ୍ ଟୁକ୍ ଟୁକ୍ ସୂର୍ଯ୍ୟ ଉଇଁ ଆସିଲାଣି । କେତକୀକୁ ଲାଗିଲା ଏକ ଅଦୃଶ୍ୟ ହାତ ତାକୁ ଛିଣ୍ଡାଇ ଆଣି ତା'ମଥାରେ ବୋଳିଦେଲା ସିନ୍ଦୂର ବିନ୍ଦୁଟିଏ କରି । ନିଜକୁ ବଡକଷ୍ଟରେ ସମ୍ଭାଳି ନେଉ ନେଉ ସେ କମ୍ପିତ ଗଳାରେ କହିଲା- ପ୍ରିୟେ ! ମୁଁ ଆଜି ଦିନଟିଏ ରହିଗଲେ କ'ଣ ହୁଅନ୍ତା ନାହିଁ ! ମୋ ମନକଥା, ମୋ ହୃଦୟର କଥା ତୁମେ କ'ଣ ଥରେ ଶୁଣିବ ନାହିଁ ? ବାବା ବିଚଳିତ କଣ୍ଠରେ ଉତ୍ତର ଦେଲେ - ନାହିଁ ପ୍ରିୟେ ! କସ୍ମିନ୍ କାଳେ ଏହା ସମ୍ଭବ ନୁହେଁ । ମୋତେ ଆଜି ହିଁ ଫେରି ଯିବାକୁ ହେବ ମୋର ତପୋଭୂମିକୁ । ବୋଧହୁଏ ପରମସ୍ୱାମୀ ପ୍ରଭୁଙ୍କ ନିର୍ଦ୍ଦେଶ ଥିଲା ତୁମ ଜୀବନରେ ପୂର୍ଣ୍ଣତା ଭରିଦେବା ପାଇଁ । ସେଇ ନିର୍ଦ୍ଦେଶ ଅନୁପ୍ରେରିତହୋଇ ମୁଁ ମୋ କାର୍ଯ୍ୟ କରିସାରିଛି ପ୍ରିୟେ ! ଏଣିକି ମୋତେ ଫେରି ଯିବାକୁ ହେବ ଏଇ ମୁହୂର୍ତ୍ତରେ... ଆମ ପୁଅକୁ ଦେଖିବା ପାଇଁ ତୁମେ କେବେବି ଆସିବ ନାହିଁ ପ୍ରିୟ ? ଶୋକାଚ୍ଛନ୍ନ କଣ୍ଠରେ ପଚାରିଲେ କେତକୀ । ନା ପ୍ରିୟେ ! ଚିରଦିନ ତୁମ ମନ-ପ୍ରାଣ-ଶରୀରରେ ବଞ୍ଚିରହିବା ପାଇଁ ମୁଁ ଯେଉଁ ପ୍ରତିରୂପ ତୁମ ପାଖରେ ଛାଡି ଯାଉଛି, ସେ କେବଳ ତୁମର ହୋଇ ରହୁ । ଆମର ପବିତ୍ର ପ୍ରେମର ପ୍ରତୀକ ହୋଇ ସେ ତୁମକୁ ମୋ କଥା ସଦାସର୍ବଦା ମନେ ପକାଇ ଦେଉଥାଉ । ମୋର ଆତ୍ମିକ ସତ୍ତାରୁ ଏହାକୁ କେହି ତୁମକୁ ଅଲଗା କରି ପାରିବେ ନାହିଁ । ତୁମେ ଜନ୍ମ ଜନ୍ମାନ୍ତର ପାଇଁ କେବଳ ମୋର । ଏଇ ଜନ୍ମରେ ଆମ ଦୁଇ ଜଣଙ୍କ ସମ୍ପର୍କର କିଛି ମାନେ ହିଁ ନାହିଁ ପ୍ରିୟେ ! ତେଣୁ ଆମ ଦୁଇ ଜଣଙ୍କ ସଂପର୍କ ଏକ ନାମହୀନ ବିବର୍ତ୍ତିତ ସମ୍ପର୍କ ହୋଇରହୁ ଏଇ ଜନ୍ମ ପାଇଁ । ଏହା ଆଉକେହି ନ ଜାଣୁ । ସଂଗୋପିତ ହୋଇ ରହିଯାଉ ଆମ ଦୁଇ ଜଣଙ୍କ କାହାଣୀ । ବିଦାୟ ପ୍ରିୟେ......।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି, ୯୪୩୭୯୮୫୮୬୬

# ଚିଠି କହେ ହୃଦୟ କଥା



ସୁନନ୍ଦା ମହାନ୍ତି

ବହିଟିଏ, ନିଜ ଛାଇ ପରି ଚିରସାଥି । ସମସ୍ତେ ମନୁଷ୍ୟକୁ ଛାଡି ଚାଲିଯିବା ପରେ ବି ଛାଇ ଓ ବହି ଥାଆନ୍ତି ପାଖାପାଖି । ଏଇ ଭାବନାକୁ ନେଇ ବଞ୍ଚି ଶିଖିଥିବା ବିମଳେନ୍ଦୁ ଆଜି ସ୍ତ୍ରୀଙ୍କ ଆବର୍ତ୍ତନ ପରେ ବଞ୍ଚି ଶିଖିଥିଲେ ଏକା ଏକା । ଏକମାତ୍ର ପୁଅକୁ ବାହା କରାଇଥିଲେ ଉଷାଙ୍କ ସହ । ଏବେ ଏବେ ଉଷା, ବଦଳି ହୋଇ ଆସିଛନ୍ତି । ଶଶୁରଙ୍କ ପାଖରେ ରହୁଛନ୍ତି ଓ ପୁଅକୁ ସାଥିରେ ନେଇ ସ୍କୁଲ ଯାଉଛନ୍ତି । ସ୍କୁଲରେ, ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଖେ, ପୁଅକୁ ବସାଇ, ଶଶୁରଙ୍କ ଜଞ୍ଜାଳ କରିବାକୁ ପଡ଼ିବନି ଭାବି, ବିମଳେନ୍ଦୁଙ୍କ ହାତରେ ଧରାଇ ଦେଉଛନ୍ତି କିଛି ଇଂରାଜୀ ଭାଷାର ବହି । ସେସବୁ ପଢ଼ି ବୁଝି ନାତି ମୁନାକୁ ପଢେଇବାକୁ ହେବ ଜାଣିଲା ପରେ ବହିପ୍ରେମୀ, ବିମଳେନ୍ଦୁ ବହିଗୁଡ଼ିକ ଦେଖି କାହିଁକି ଖୁସି ହୁଅନ୍ତି ନାହିଁ, ବିମଳେନ୍ଦୁ ନିଜେ ବୁଝିପାରନ୍ତି ନାହିଁ ।


ଜୀବନ ସାରା ଭଲ ଇଂରାଜୀ ଶିକ୍ଷକ ଭାବେ ନିଜର ସୁନାମ ଥିବା ବିମଳେନ୍ଦୁ, ଆଜି ନାତିକୁ ପଢ଼ାଇବା ପାଇଁ ପ୍ରସ୍ତୁତି ହେବାକୁ ବହିଗୁଡ଼ିକ ଦେଖି ବିଚଳିତ ହେବାର କାରଣ କଣ ସେ ନିଜେ ବୁଝି ପାରୁନଥିଲେ । ବୋହୂ ଉଷା କିନ୍ତୁ ଶଶୁର ବାପାଙ୍କ ହୃଦୟର ଭାଷା ପଢ଼ି, ବୁଝିଛନ୍ତି, ବହିଗୁଡ଼ିକ ପାଇ ବାପା ନିଶ୍ଚୟ ଖୁସି ହେବେ । ଏକରେ ଏକାକିତ୍ୱର ସାହାରା, ଦ୍ୱିତୀୟତଃ ଇଂରାଜି ଭାଷାର ପୂର୍ବତନ ବିଦ୍ୱାନ ଶିକ୍ଷକ, ସେଗୁଡିକ ପଢ଼ି, ମୁନାକୁ ଠିକ୍ ପଢେଇ ମଣିଷ କରିପାରିବେ ।

ମୁନା ଖୁସି ଥାଏ ମାଆ ସହ ଓଡିଆ ସ୍କୁଲ ଯାଇ, ପାଠ ପଢୁଥିବା ପିଲାଙ୍କ ପାଠ ପଢ଼ି, ଅକ୍ଷର ଶିଖି, ରଚନା ଲେଖି, ମଧ୍ୟାର୍ଣ୍ଣ ଭୋଜନ ଖାଇ, ଓଡିଆ ପଢୁଥିବା ପିଲାମାନଙ୍କ ସଙ୍ଗେ ସହଜ ଓ ସାବଲୀଳ ଭାବେ ମିଶି ଆନନ୍ଦ ନେଉଥାଏ, ଯଦିଓ ସେ ଜାଣିଥାଏ ଖୁବ୍ ଅଳ୍ପ ଦିନ ପରେ ତାକୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢିବାକୁ ହେବ ।

ସେଦିନ ଉଷା କ୍ଲାସରେ ପିଲାମାନଙ୍କ ଭାଷା ଜ୍ଞାନ ପରୀକ୍ଷା କରିବାକୁ ଯାଇ, ସମସ୍ତଙ୍କୁ ଭଗବାନଙ୍କ ପାଖକୁ ଚିଠିଟିଏ ଲେଖିବାକୁ କହିଥିଲେ । ପିଲାଙ୍କୁ ବୁଝେଇଦେଇଥିଲେ, ଆମେ ସମସ୍ତେ ମନ୍ଦିର ଗଲେ ଠାକୁରଙ୍କୁ ଯେମିତି ମନେ ମନେ କିଛି ମାଗୁ, ସେମିତି ତୁମ ମନକଥା ଖୋଲି ଚିଠି ଆକାରରେ ଲେଖିନେବ । ସମସ୍ତେ ଲେଖିସାରି ଖାତା ଦେଲେ କିନ୍ତୁ ମୁନା ଦେଲାନି । ଉଷା ମଧ୍ୟ ଗୁରୁତ୍ୱ ଦେଲେନାହିଁ କାରଣ ମୁନା ତ ନିକଟ ଭବିଷ୍ୟତରେ ଇଂରାଜି ମାଧ୍ୟମ ସ୍କୁଲରେ ପଢ଼ିବ ।

ଜେଜେ ବିମଳେନ୍ଦୁ ଭାବି ଚିନ୍ତି ହେଉଥିଲେ । ତାଙ୍କ ସମୟର ଇଂରାଜି ଭାଷାର ଉଚ୍ଚାରଣରେ ଏତେ କ୍ଲିଷ୍ଟ ନଥିଲା । ଉଦାହରଣ ସ୍ୱରୂପ ପ୍ରନାଉନସିଏସନ୍ ବୋଲି କହୁଥିବା ଶବ୍ଦଟି ସେତେବେଳେ ବନାନ ଉପରେ ପର୍ଯ୍ୟବେସିତ ଥିଲାବେଳେ, ଆଜିର ଉଚ୍ଚାରଣ ଖୁବ ଭିନ୍ନ । ତାଙ୍କ ସମୟରେ ମଧ୍ୟ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ପ୍ରୟୋଗ, ଉଚ୍ଚାରଣଶୁଦ୍ଧି, କୋଉଠି କୋଉ ଶବ୍ଦରେ କୋଉ ସ୍ୱରବର୍ଣ୍ଣ ବା ବ୍ୟଞ୍ଜନବର୍ଣ୍ଣ ଥିବା ଶବ୍ଦର ଉଚ୍ଚାରଣ ବେଳେ କୋଉ ଲିପି ବା ଅକ୍ଷର ଉଚ୍ଚାରଣ ହେବନାହିଁ, ଏ ନିୟମ ମଧ୍ୟ ଥିଲା, ଯେମିତିକି ଗଭର୍ଣ୍ଣମେଣ୍ଟ ନକହି ଆମେ ଗଭମେଣ୍ଟ କହୁଥିଲୁ । ଏବେ କିନ୍ତୁ ସେହି ଗଭର୍ଣ୍ଣମେଣ୍ଟ । ଏତେ ସବୁ କଥାର ମୂଳ ଉଦ୍ଦେଶ୍ୟ ଏହା ଯେ ଆମ ଉଚ୍ଚାରଣ ଇଂରେଜ ଭାଷାଭାଷୀ ଅଞ୍ଚଳ ପରି ହେବା ଉଚିତ ଲକ୍ଷ ନେଇ କହିବା ଶିଖିଲେ, ବିଦେଶରେ ରହିବା, ଚଳିବା ସହ ଚାକିରୀ କରି ଅବସ୍ଥାପିତ ହେବାରେ ଅସୁବିଧା ନଥିବ । ତଥାପି, ବିମଳେନ୍ଦୁଙ୍କୁ ଅଡୁଆ ଅଡୁଆ ଲାଗୁଥିଲା, ଆଜି କାଲିର ଇଂରାଜି ଉଚ୍ଚାରଣ ଓ କିଛି ବଦଳୁଥିବା ଗ୍ରାମାରକୁ ନେଇ । ଏହି ସବୁ କଥା ଭାବି ଭାବି ବହିଟି ଖୋଲି ଦେଖନ୍ତି ତ ଚିଠିଟିଏ । ମୁନା ଲେଖିଛି ପ୍ରାଞ୍ଜଳ ଓ ଶୁଦ୍ଧ ଓଡ଼ିଆରେ ।

ଘରକୁ ବିମଳେନ୍ଦୁଙ୍କ ପୁଅ ଆସିଥାଏ । ଉଷା ନିଜ ସ୍କୁଲ ପିଲାଙ୍କ ଖାତା ଦେଖି କିଏ କଣ ଲେଖିଛି ପ୍ରଣବକୁ କହି ହସି ହସି ଗଡିଯାଉଥାଏ । ଗୋଟିଏ ପିଲା ଭଗବାନଙ୍କୁ, ଲେଖିଛି ଭଗବାନ ମତେ ମୋବାଇଲଟିଏ କରିଦିଅ । କାରଣ ମୋବାଇଲ ହିଁ ମୋ ବାପା ମାଆ ସମସ୍ତଙ୍କର ପ୍ରିୟ କିନ୍ତୁ ମୁଁ ନୁହେଁ । ମୋ ସହ ହସ ଖେଳ, କଥାବାର୍ତ୍ତା



ଛାଡ଼ି ବାପା ମାଆ ସବୁବେଳେ ମୋବାଇଲ ସହ କଥା ହୁଅନ୍ତି ତ, ମୁଁ ମୋବାଇଲଟିଏ ହୋଇଗଲେ, ବାପା ମାଆଙ୍କ ସ୍ନେହ ଆଦର ପାଇପାରନ୍ତି । ଏକଥା ଶୁଣି ଉଷା ଓ ପ୍ରଣବ ଚିନ୍ତିତ ହୋଇପଡିଲେ । ତାଙ୍କ ପୁଅ ମୁନା କଣ ଲେଖିଥାନ୍ତା ଭାବୁ ଭାବୁ, ବିମଳେନ୍ଦୁ ବଢାଇ ଦେଲେ ମୁନାର ରଚନା ।

ମୁନା ଲେଖିଥିଲା, ହେ ପ୍ରଭୁ ମୋ ବାପା ମାଆଙ୍କୁ କୁହ ସେ ମତେ ଓଡିଆ ସ୍କୁଲରେ ପଢାନ୍ତୁ । ନିଜେ ମାମା ଖାଲି ସମୟରେ ମୋବାଇଲରେ ବ୍ୟସ୍ତ ପୁଣି ଜେଜଙ୍କୁ ମୋ ଇଂରାଜି ପଢା ବହି ଦେଇ ଏତେ ବ୍ୟସ୍ତ କରି ରଖିଛନ୍ତି, ସେ ମଧ୍ୟ ମୋ ସହ ଆଗ ଭଳି ମିଶୁ ନାହାନ୍ତି, ଗପ କହୁନାହାନ୍ତି କି ଆକାଶରେ ଜେଜେମା କୋଉଠି ଅଛି କହିଲୁ ମୁନା ପଚାରୁନାଂହାନ୍ତି । ପୁଣି ବାପା ଘରକୁ ଅଳ୍ପ ଦିନ ପାଇଁ ଆସିଲେ, ମାମା ସହ କଣ ଇଂରାଜିରେ କଥା ହୁଅନ୍ତି ମୁଁ ବୁଝିପାରେନା । ମୁଁ ଇଂରାଜି ପଢ଼ି ବିଦେଶରେ ଚାକିରୀ କରି ବାପାଙ୍କ ଭଳି ଘରେ ନିଜ ଲୋକଙ୍କ ପାଇଁ ଅତିଥି ହେବାକୁ ଚାହେଁନା ପ୍ରଭୁ । ଉଷା ଓ ପ୍ରଣବ ହତବାକ ତଜେଜେ ବିମଳେନ୍ଦୁ କାନ୍ଦି ପକାଇଥିଲେ ।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ନୂତନ ଭୋଟର ତାଲିକା ପାଇଁ ୯ରୁ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର ,୬/୧୧ (ନି.ପ୍ର): ୨୦୨୩ ପାଇଁ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସାରାଦେଶରେ ନଭେମ୍ବର ୯ ତାରିଖରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଏହା ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି।

୨୦୨୩ ମସିହା ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଓ ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ ।

ସୂଚନା ଅନୁଯାୟୀ ନଭେମ୍ବର ୯ ନଭେମ୍ବର ଠାରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ବିଶେଷ କରି ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଅବଗତ କରାଯିବ। ଏହାସହ ୧୭ ବର୍ଷରୁ ଉର୍ଦ୍ଧ୍ୱ ଭୋଟରମାନଙ୍କୁ ଆଗୁଆ ଆବେଦନ ପତ୍ର ଦାଖଲ କରିପାରିବେ। ବର୍ଷରେ ୪ ଗୋଟି ଯୋଗ୍ୟତାସୂଚକ ତାରିଖ ଯଥା: ଜାନୁଆରୀ ୧ ତାରିଖ, ଅପ୍ରେଲ ୧ ତାରିଖ, ଜୁଲାଇ ୧ ତାରିଖ ଓ ଅକ୍ଟୋବର ୧ ତାରିଖର ସୁବିଧା ଯୋଗାଇଦେବା । ନୂତନ ଭୋଟରମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ନିମନ୍ତେ ଆକୃଷ୍ଟ କରିବା ପାଇଁ ବିଶେଷ ଧ୍ୟାନ ଦେବାକୁ ପଞ୍ଜୀକରଣ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଭୋଟରମାନେ ବିଶେଷକରି ଯୁବ ଭୋଟରମାନେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପଲାଇନ୍ ଆପ୍ ଡାଉନ୍‌ଲୋଡ୍ କରି ନିଜେ ଘରେ ଆବେଦନ କରିପାରିବେ । ନଚେତ୍ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ 'ଗରୁଡ଼ ଆପ୍' ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କାର୍ଯ୍ୟ କରାଇପାରିବେ । ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ଜନସାଧାରଣମାନେ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଯଥା: ତାଲିକାରେ ନାମ ଯୋଗ ନିମନ୍ତେ ଫର୍ମ ନଂ-୬, ତାଲିକାରୁ ନାମ ବାଦ୍ କିମ୍ବା ଅଭିଯୋଗ କରିବା ପାଇଁ ଫର୍ମ ସଂ-୭ରେ ଆବେଦନ ଓ ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ କିମ୍ବା ଫଟୋ ଲଗାଇବା ନିମନ୍ତେ ଫର୍ମ ନଂ-୮ରେ ଆବେଦନ କରିବାକୁ ପଡ଼ିବ। ଭୋଟର ତାଲିକା ରିଭିଜନ୍ ସମୟ ମଧ୍ୟରେ ୪ ଗୋଟି 'ସ୍ୱତନ୍ତ୍ର ଅଭିଯାନ' କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏହି ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୧୨ ଓ ୧୩ ତାରିଖ ଓ ନଭେମ୍ବର ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନମାନଙ୍କରେ ରାଜ୍ୟର ସବୁ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇଦେବେ। ପ୍ରତ୍ୟେକ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ରୋଲ୍ ପର୍ଯ୍ୟବେକ୍ଷକ ଭାବେ ଉକ୍ତ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ସଂଘମିତ୍ରା ଶତପଥୀ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଆସିଷ୍ଟାଣ୍ଟ ଇଂଜିନିୟର ଇଦ୍ରିଶ ଖାନ୍, ରାମଚନ୍ଦ୍ର ଟୁଙ୍ଗା ଓ ଯୋଗେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ର ସରକାରଙ୍କ ଦେଶ ଓ ସମ୍ବିଧାନ ବିରୋଧୀ ପଦକ୍ଷେପର ଦୃଢ଼ ଜବାବ ଦେବ ଓଡ଼ିଶା ବଂଚାଅ ଅଭିଯାନ

ଭୁବନେଶ୍ୱର ,୬/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦେଶ ଓ ସମ୍ବିଧାନ ବିରୋଧୀ ପଦକ୍ଷେପଗୁଡ଼ିକର ଜବାବ ଦେବା ପାଇଁ ଏବଂ ଶାନ୍ତିପ୍ରିୟ ଓଡ଼ିଶାକୁ ବିଜେପିମୁକ୍ତ ଓଡ଼ିଶା କରିବା ପାଇଁ 'ଓଡ଼ିଶା ବ ।ଅ ଅଭିଯାନ' ତରଫରୁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ନେଇଛି। କେନ୍ଦ୍ର ସରକାରଙ୍କର ସମସ୍ତ ଜନିବରୋଧୀ ପଦକ୍ଷେପକୁ ସମର୍ଥନ କରି ଗତ ୨୨ ବର୍ଷ ଧରି ଓଡ଼ିଶାକୁ ଲଗାତର ଶାସନ କରୁଥିବା ବିଜେଡ଼ି ସରକାର ସେହି ସମାନ ମୁଦ୍ରାର ଆଉ ଗୋଟିଏ ପାର୍ଶ୍ୱ ହୋଇଯାଇଛନ୍ତି। ପାର୍ଲାମେରେ ସମସ୍ତ ବିଲ୍‌କୁ ସମର୍ଥନ ଓ ବିଭିନ୍ନ ସାମ୍ବିଧାନିକ ନିର୍ବାଚନରେ ବିଜେପିକୁ ସମର୍ଥନ ଦେଇ ବିଜେଡ଼ି ବିଜେପିର ବି ଟିମ୍ ହେବାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡ଼ି ଏହି ରାଜନୈତିକ କୌଶଳରେ ଦୁଇ ଦଳ ଅଛନ୍ତି। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତାର ନାଁ ଆଉ ବିଜେଡ଼ି ଧରୁନାହିଁ। ଗତ ୨୨ ବର୍ଷ ଭିତରେ ରାଜ୍ୟରେ ଛୁଂଚି କାରଖାନାଟିଏ ବି ହୋଇପାରିଲା ନାହିଁ। ହଜାର ହଜାର ଏକର ଜମି ଅଧିଗ୍ରହଣ ହୋଇ ଖାଲି ପଡ଼ିରହିଛି। ଚାଷ ପ୍ରତି ନଜର ନାହିଁ କି ନିଘା ନାହିଁ। ଜଳସେଚନ ଅବସ୍ଥା କହିଲେ ନସରେ। ନିଯୁକ୍ତି ନାହିଁ ଫଳରେ ଦାଦନରେ ରାଜ୍ୟ ଏକନମ୍ବର। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମ ସର୍ବାଗ୍ରେ। ବେକାରଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ରାଜ୍ୟରେ ଖାଲିଥିବା ୨ ଲକ୍ଷରୁ ଅଧିକ ସରକାରୀ ପଦବୀ ପୂରଣ କରାଯାଉ ନାହିଁ। ରାଜ୍ୟର ବିକାଶ ଅର୍ଥ ବିଜେଡ଼ି ଦଳର ପାଣ୍ଠିର ବିକାଶ ଓ ବିଜେଡ଼ି ନେତାମାନଙ୍କ ଆର୍ଥିକ ବିକାଶ। ଚାଷୀ ଆତ୍ମହତ୍ୟାରେ ରାଜ୍ୟ ରେକର୍ଡ଼ କଲାଣି। ପେଟ୍ରୋଲ, ଡ଼ିଜେଲ ଦର ବୃଦ୍ଧି କଥା କହିଲେ ରାଜ୍ୟ ଓ କେନ୍ଦ୍ର ଦୋଷ ଲଦାଲଦି ହେଉଛନ୍ତି। ରାଜ୍ୟରେ ନାବାଳିକାଟିଏ ମଧ୍ୟ ସୁରକ୍ଷିତ ମଣୁନି। ପ୍ରାକୃତିକ ସମ୍ପଦରେ ଭରପୁର ଓଡ଼ିଶାର ଜନଗଣ ଦୁର୍ବିସହ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହାର ଫାଇଦା ଉଠାଇ ବିଜେଡ଼ି ବିରାମ ବିହୀନ ଶାସନ କରି ଚାଲିଛି। ତା'ର ମୁଖ୍ୟକାରଣ ମିଳିତ ବିରୋଧୀମାନଙ୍କର ବିରୋଧୀ ଆୱାଜର ଅଭାବ।

'ଓଡ଼ିଶା ବଂଚାଅ ଅଭିଯାନ' ରାଜ୍ୟର ଶିଳ୍ପ ଓ କୃଷିର ସନ୍ତୁଳିତ ବିକାଶ ପାଇଁ, ବେକାରୀ ଦୂର ପାଇଁ ବିକଳ୍ପ ନିଯୁକ୍ତି ନୀତି, କୃଷିର ରାଜ୍ୟରେ ଚାଷର ବିକାଶ ପାଇଁ ଯୋଜନାବଦ୍ଧ ଆଗୁଆ ପଦକ୍ଷେପ, ରାଜ୍ୟର ପଛୁଆ ଓ ଅନଗ୍ରସର ଅଂଚଳର ଉତ୍‌ଥାପନ ପାଇଁ ନିର୍ଦ୍ଦିଷ୍ଟ ଅର୍ଥନୈତିକ ପଦକ୍ଷେପ ଓ ତା'ର ଆକ୍ଷରିକ କାର୍ଯ୍ୟକାରିତା, ମାଛ, ଦୁଗ୍ଧ ଓ ପଶୁପକ୍ଷୀ ଫାର୍ମ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦାବି ସହିତ ରାଜ୍ୟ ସାରା ଏକ ବିକଳ୍ପ ବିକାଶର ଅଭିଯାନ ଆରମ୍ଭ କରିବା ପାଇଁ 'ଓଡ଼ିଶା ବ ।ଅ ଅଭିଯାନ' ଗଠିତ ହୋଇଛି।

ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ୧୧ଟି ଦଳର ନେତୃତ୍ୱମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମତାକ୍ରାନ୍ତି ଦଳର ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସିପିଆଇ(ଏମ୍)ର ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଅଭୟ ସାହୁ ଓ ଆଶିଷ କାନୁନଗୋ, ଫରୱାର୍ଡ଼ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର, ସିପିଆଇ (ଏମ୍‌ଏଲ) ଲିବରେସନର ଅଶୋକ ପ୍ରଧାନ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ଜନତା ଦଳ ୟୁର ସଭାପତି ଚିତରଞ୍ଜନ ମହାନ୍ତି ଓ ଅଭିମନ୍ୟୁ ବିଶ୍ୱାଳ, ସମୃଦ୍ଧ ଓଡ଼ିଶାର ସଭାପତି କ୍ଷୀତିଶ ଚନ୍ଦ୍ର ମହାନ୍ତି, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ବିକ୍ରମ ସ୍ୱାଇଁ, ରାଷ୍ଟ୍ରୀୟ ଜନତା ଦଳର ହେମନ୍ତ କୁମାର, ଆରପିଆଇର ଅବଦୁଲ ଓ୍ୱାଲି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସର୍ବସମ୍ମତିକ୍ରମେ 'ଓଡ଼ିଶା ବ ।ଅ ଅଭିଯାନ'ର ଆବାହକ ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରଥମ ପଦକ୍ଷେପ ଭାବେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସମ୍ମିଳନୀ କରାଯିବ। ଏହି କ୍ରମରେ ଗଞ୍ଜାମ, ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ, ସମ୍ବଲପୁର, ବରଗଡ଼ ଜିଲ୍ଲାରେ ପ୍ରଥମେ ଅଧିବେଶନ ଅନୁଷ୍ଠିତ ହେବ ପରେ ଅନ୍ୟ ଜିଲ୍ଲାମାନଙ୍କରେ ବ୍ୟାପକ ଭାବରେ କରାଯିବ ବୋଲି ନିଷ୍ପତି ନିଆଯାଇଛି।

# ରାଜ୍ୟରେ ଆଜି ସର୍ବନିମ୍ନ ଦୈନିକ କରୋନା ସଂକ୍ରମଣ

ଭୁବନେଶ୍ୱର ,୬/୧୧ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଏକ ଅଙ୍କକୁ ଚାଲି ଆସିଛି। ଏହା ସର୍ବନିମ୍ନ ସଂକ୍ରମଣ ବୋଲି କୁହାଯାଉଛି। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ କେହି ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ନଥିବା ଜଣାଯାଇଛି। ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୨, କୋରାପୁଟରୁ ୧, ନୟାଗଡ଼ରୁ ୧, ପୁରୀରୁ ୧ ଓ ସମ୍ବଲପୁରରୁ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୬, ୨୬୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୬, ୮୪୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚ୍‌ପିସି ପକ୍ଷରୁ ପରଫରମାନ୍ସ ଗ୍ରେଡେଡ ପ୍ରତିଯୋଗିତା ଆୟୋଜିତ

ଭୁବନେଶ୍ୱର ,୬/୧୧ (ନି.ପ୍ର): ଓଡ଼ିଶା ସରକାର ଏବଂ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚ୍‌ପିସି ମିଳିତ ଭାବରେ ପରଫରମାନ୍ସ ଗ୍ରେଡେଡ ପ୍ରତିଯୋଗିତା ଆୟୋଜନ କରିଥିଲେ। ଯାହା ଉଭୟ ଏଚ୍‌ପିସି ଓ ବାହାରୁ ଆଥ୍‌ଲେଟମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ଏବଂ ସେମାନଙ୍କ କ୍ଷେତ୍ରରେ ଘଟିଥିବା ଉନ୍ନତିର ମୂଲ୍ୟାୟନ କରିବାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ସୁଯୋଗ ଯୋଗାଇଦେବା ଉପରେ ମୁଖ୍ୟତଃ ଧ୍ୟାନ କେନ୍ଦ୍ରୀଭୂତ କରୁଥିବା ଏକ ଅନନ୍ୟ ପ୍ରତିଯୋଗିତା ଥିଲା । ସମଗ୍ର ଓଡ଼ିଶାରୁ ୨୮୯ ଉତ୍ସାହୀ ବାଳକ ଓ ବାଳିକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ମୋଟ ୧୬ଟି ଶୃଙ୍ଖଳା ରହିଥିଲା ଏବଂ ଏହା କଳିଙ୍ଗ ଷ୍ଟାଡିୟମ୍ ରେ ଆୟୋଜିତ ହୋଇଥିଲା ।

ଜେମ୍ସ ହିଲିଅର, ଆଥଲେଟିକ୍ସ ଡାଇରେକ୍ଟର, ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ପ୍ରୋଗ୍ରାମ କହିଛନ୍ତି, "ବର୍ଷ ପରେ ବର୍ଷ ଆଗକୁ ବଢ଼ିବା ସହିତ ଆମେ ପ୍ରତିଭା ସଂଖ୍ୟା ବୃଦ୍ଧି ଲକ୍ଷ୍ୟ କରୁଛୁ, ଯେଉଁମାନେ ପିଜିସିଗୁଡ଼ିକ ଜରିଆରେ ଆସୁଛନ୍ତି। ନିଜ ବିପକ୍ଷରେ ପ୍ରତିଯୋଗିତା କରିବାକୁ ଆମ ଏଚ୍‌ପିସି ଆଥଲେଟ୍ ଙ୍କୁ ଏକ ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ଏହି ପ୍ରତିଯୋଗିତା ଓଡ଼ିଶାର ଆଥଲେଟ ଏବଂ ଆମ ଆଥଲେଟଙ୍କ ଠାରେ ଉନ୍ନତି ଆଣିବା ସକାଶେ ସେମାନଙ୍କ ବିକାଶକୁ ସମର୍ଥ କରାଉଥିବା ଆମେ ଦେଖୁଛୁ । ଆଥ୍‌ଲେଟମାନେ ଏଠାକୁ ଆସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଏବଂ ଏଚ୍‌ପିସି କାର୍ଯ୍ୟକ୍ରମରେ ଯୋଗ୍ୟ ଆଥ୍‌ଲେଟମାନେ ଯୋଗଦେବାକୁ ଆମେ ମଧ୍ୟ ପିଜିସିକୁ ଏକ ସୁଯୋଗ ବୋଲି ବିବେଚନା କରୁଛୁ ।"

ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଏଚ୍‌ପିସି ପକ୍ଷରୁ ପ୍ରଚଳନ କରାଯାଇଥିବା ଏହି ଅନନ୍ୟ ପରଫରମାନ୍ସ ଗ୍ରେଡେଡ ପ୍ରତିଯୋଗିତା ପ୍ରଚଳିତ ଧାରାରୁ ଉଲ୍ଲେଖନୀୟ ଭାବରେ ଭିନ୍ନ ଅଟେ, କାରଣ ଏଥିରେ ଯୋଗଦେଉଥିବା ଆଥ୍‌ଲେଟମାନେ ବୟସ ଅଥବା ଲିଙ୍ଗ ନିର୍ବିଶେଷରେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ଟାଇମିଂ ଆଧାରରେ ପରସ୍ପର ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫରମାନ୍ସ ସେଂଟର (ଏଚ୍‌ପିସି)ର ୧୫ଜଣ ଆଥ୍‌ଲେଟ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଏଚ୍‌ପିସିର ଆଥ୍‌ଲେଟ ୧୭ ବର୍ଷ ବୟସ୍କା ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ବ୍ୟକ୍ତିଗତ ଶ୍ରେଷ୍ଠ ୧୩.୯୮ ଟାଇମିଂ ପ୍ରଦର୍ଶନ କରିଥିଲେ, ଯାହା ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ ୧୪ ସେକେଣ୍ଡ ଟାଇମିଂରୁ ତଳେ ଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ: ସିଙ୍ଗାପୁରରେ ତାଲିମ୍ ନେବେ ୪୦

ଭୁବନେଶ୍ୱର ,୬/୧୧ (ନି.ପ୍ର): ଦକ୍ଷତା ବୃଦ୍ଧି ପାଇଁ ସିଙ୍ଗାପୁରରେ ଆଇଟିଇକୁ ଯାଉଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ଜଣ ଛାତ୍ରଛାତ୍ରୀ। ସିଙ୍ଗାପୁର ଯିବା ପୂର୍ବରୁ ଏହି ଛାତ୍ରଛାତ୍ରୀମାନେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଶ୍ୱରେ ୧ ନମ୍ବର ହେବା ପାଇଁ ଉଦ୍ୟମ କରିବା ଲାଗି ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ ପାଣ୍ଡିଆନ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଉପସ୍ଥିତ ଥିଲେ।

ଏହି ୪୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୩୨ଜଣ ବାଳକ, ୮ଜଣ ବାଳିକା ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୦ଜଣ କୃଷକ ପରିବାରରୁ ଆସିଛନ୍ତି। ସିଙ୍ଗାପୁର ଆଇଟିଇରେ ସେମାନେ ୨ସପ୍ତାହ କାର୍ଯ୍ୟ କରିବେ। ସ୍ଥାନୀୟ ଯୁବକମାନଙ୍କ ସାମାଜିକ ଓ ସାଂସ୍କୃତିକ ଦିଗଗୁଡ଼ିକ ସହିତ ପରିଚିତ ହେବେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ଦେବା ସହିତ ଶିକ୍ଷଣୀୟ ଅଭିଜ୍ଞତାକୁ ସମୃଦ୍ଧ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସିଙ୍ଗାପୁରରେ ୨୦ଜଣ ଛାତ୍ରଛାତ୍ରୀ ମାନବ ବିହୀନ ବିମାନ(ୟୁଏଭି)ର ପ୍ରୋଗ୍ରାମିଂ ଓ ମାନବ ବିହୀନ ବିମାନ



ବ୍ୟବସ୍ଥା(ୟୁଏଏସ)ର ରୂପାନ୍ତରଣ ଶିଖିବେ। ସେହିପରି ଅନ୍ୟ ୨୦ଜଣ ସ୍ୱୟଂଚାଳିତ ଭ୍ରାମ୍ୟମାଣ ରୋବଟ ଓ ଶିଳ୍ପକେନ୍ଦ୍ରୀକ ରୋବଟ ସଂପର୍କରେ ଦକ୍ଷତା ହାସଲ କରିବେ। ଏହି ବିନିମୟ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ), ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଆଇଟିଇ ଶିକ୍ଷା ସେବା(ଆଇଟିଇଇଏସ୍)ର ମିଳିତ ସହଯୋଗରେ ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀ ଗତବର୍ଷ ମାର୍ଚ୍ଚରେ ଏହାର ଉଦ୍‌ଘାଟନ କରିଥିଲେ।

# ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ: ୨୮୦ କୋଟି ଯାଆଁଳ ଉତ୍ପାଦନ ସହ ଓଡ଼ିଶାର ନୂଆ ରେକର୍ଡ

ଭୁବନେଶ୍ୱର ,୬/୧୧ (ନି.ପ୍ର): ଚଳିତ ବର୍ଷ ମାଛ ଯାଁଳ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ନୂଆ ରେକର୍ଡ କରିଛି। ଏବର୍ଷ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସହ ୨୮୦ କୋଟି ମାଛ ଯାଁଳ ଉତ୍ପାଦନ ହୋଇଛି। ମାଛ ଉତ୍ପାଦନ ନେଇ ମତ୍ସ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ରାଜ୍ୟରେ ଚିଙ୍ଗୁଡ଼ି ଚାଷ ପାଇଁ ବିପୁଳ ସୁଯୋଗ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ଗୋ-ସୁଗମ ପୋର୍ଟାଲର ଲାଭ ଯେପରି ମତ୍ସ୍ୟଚାଷୀମାନେ ପାଇପାରିବେ, ସେଥିପାଇଁ ପଦକ୍ଷେପ ନେବା ସହ କର୍ତ୍ତବ୍ୟରେ ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭିନ୍ନକ୍ଷମ ଏବଂ କିନ୍ନରମାନଙ୍କୁ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଥିଲା। ସାମାଜିକ ଗଣମାଧ୍ୟମର ଉପଯୋଗ କରି



ଇଆଇଇସି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିସନର ସୁରେଶ କୁମାର ବଶିଷ୍ଠ, ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ଓଡ଼ିଶା ଜୀବିକା ମିସନ୍ ସହ ସମନ୍ୱୟ ବୈଠକ କରିବା ପାଇଁ କହିଥିଲେ। ହୀରାକୁଦ ଜଳଭଣ୍ଡାର ପରେ ଇନ୍ଦ୍ରାବତୀ ଓ ରେଙ୍ଗାଲି ଜଳଭଣ୍ଡାରରେ ମଧ୍ୟ କେଜ୍ କଲଚର ମାଛଚାଷ ଉପରେ ସଚିବ ଶ୍ରୀ ବଶିଷ୍ଠ ଗୁରୁତ୍ୱାରୋପ କରିଥିଲେ। ସେତୁ ଯୋଜନାରେ ଜଳାଶୟରେ ମାଛ ଉତ୍ପାଦନ ହେକ୍ଟର ପିଛା ୫କେଜିରୁ ୫୦ରୁ ୬୦କେଜି ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ସେହିପରି ଗୋ-ସୁଗମ ପୋର୍ଟାଲରେ ସ୍ଥାନିତ ହୋଇନଥିବା ଯୋଜନାଗୁଡ଼ିକୁ ଡିଏସ୍‌ଏସ୍ ପୋର୍ଟାଲରେ ସ୍ଥାନିତ କରିବା ପାଇଁ ଶ୍ରୀ ବଶିଷ୍ଠ ପ୍ରସ୍ତାବ ଦେଇଥିଲେ। ସମୁଦ୍ରରେ ମାଛ ଧରିବା ନିମନ୍ତେ କଟକଣା ଜାରି ହୋଇଥିବା ପରିପ୍ରେକ୍ଷୀରେ ମତ୍ସ୍ୟଜୀବୀମାନଙ୍କୁ ସହାୟତା ପ୍ରଦାନ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ମତ୍ସ୍ୟ ପୋଖରୀ ଯୋଜନା, ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାଛଚାଷ, ଫାର୍ମପଣ୍ଡରେ ମାଛଚାଷ ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି ଓ ଉପକରଣ ଏବଂ ଭିତ୍ତିଭୂମିର ବିକାଶ ଦିଗରେ ବିଶଦ୍ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ନୋଡାଲ ଅଧିକାରୀ, ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଉପସ୍ଥିତ ଥିଲେ।

# ବାଟବଣା ହେଉଛି କୃଷି ଯୋଜନା: ବଜେଟ୍‌ରେ ବରାଦ ହେଲା, ଖର୍ଚ୍ଚ କଲେନି ୭୫୯ କୋଟି

ଭୁବନେଶ୍ୱର ,୬/୧୧ (ନି.ପ୍ର): କେବଳ ରାଜ୍ୟ ନୁହେଁ କେନ୍ଦ୍ର ସରକାର ମଧ୍ୟ ଚାଷୀଙ୍କ ପ୍ରତି ଅବହେଳା କରୁଛନ୍ତି। ଚାଷୀଙ୍କ ବିକାଶ ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ବ୍ୟୟ ବରାଦ କରାଯାଉଛି, ହେଲେ ଏ ଅର୍ଥ ଠିକ୍ ସମୟରେ ଆସୁନାହିଁ। ଏଣୁ ଅର୍ଥ ଖର୍ଚ୍ଚରେ ସମସ୍ୟା ସୃଷ୍ଟି ହେଉଛି। ଜଣାପଡ଼ିଛି ଯେ ତିନି ବର୍ଷ ମଧ୍ୟରେ ୭୫୯ କୋଟିର କେନ୍ଦ୍ରୀୟ ବଜେଟ ଟଙ୍କା ଖର୍ଚ୍ଚ ହୋଇନାହିଁ। କୃଷି ବିଭାଗ ବିତ୍ତ ଅଧିକାରୀ ନିଜ ବିଭାଗର ଯୁଗ୍ମ ସଚିବଙ୍କୁ ଚିଠିରେ ଟଙ୍କା ଖର୍ଚ୍ଚ ହୋଇନଥିବା କଥା ଲେଖିଛନ୍ତି।



ସବୁଠୁ ବଡ଼କଥା ହେଉଛି, ଯଦିଓ କୋଭିଡ୍ ସ୍ଥିତିରେ ସୁଧାର ଆସିସାରିଥିଲା, ୨୦୨୧ ମସିହାରେ ସବୁଠାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇପାରିନାହିଁ। ଏହିବର୍ଷ ୫ କେନ୍ଦ୍ରୀୟ ଯୋଜନା ଯଥା ପରମ୍ପରାଗତ କୃଷି ବିକାଶ ଯୋଜନା, ଜାତୀୟ ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା ପ୍ରକଳ୍ପ, ଚାରା ସୁରକ୍ଷା, ବିହନ ଏବଂ ରୋପଣ ଉପକରଣ, ପ୍ରଧାନମନ୍ତ୍ରୀ କୁସୁମ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ବଜେଟ୍ ବ୍ୟବସ୍ଥା ଥାଇ ମଧ୍ୟ ଗୋଟିଏ ଟଙ୍କା ବି ଖର୍ଚ୍ଚ ହୋଇନଥିଲା। ଏଥିରୁ ବିହନ ଏବଂ ଚାରା ରୋପଣ ଉପକରଣ ପାଇଁ ଲଗାତାର ତିନି ବର୍ଷ ଧରି ବଜେଟ୍‌ରେ ବ୍ୟବସ୍ଥା ହୋଇଥିଲେ ହେଁ ଅର୍ଥ ଖର୍ଚ୍ଚ ହୋଇପାରିନଥିଲା। ଏହି ଚିଠି ଅନୁଯାୟୀ, କୃଷି ବିଭାଗର ୧୨ କେନ୍ଦ୍ରୀୟ ଯୋଜନାରେ ୨୦୧୯ ମସିହାର ବଜେଟରେ ୫୩୨.୭୩ କୋଟିରୁ ୧୮୯ କୋଟି, ୨୦୨୦ ମସିହାରେ ୪୭୪.୫୪ କୋଟିରୁ ୨୦୬.୭୯ କୋଟି ଏବଂ ୨୦୨୧ ମସିହାରେ ୪୪୧ କୋଟିରୁ ୩୬୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନାହିଁ। ୨୦୨୧ ମସିହାରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଟଙ୍କା ଆସିବାରେ ବିଳମ୍ବ ହେବା କାରଣରୁ ଅର୍ଥ ଖର୍ଚ୍ଚରେ ସମସ୍ୟା ହେଲା ବୋଲି କୁହାଯାଉଛି। ୨୦୧୯ ଏବଂ ୨୦୨୦ ମସିହାରେ ମଧ୍ୟ ୪ଟି ଲେଖାଏଁ ଯୋଜନାରେ ବଜେଟରେ ବ୍ୟୟ ବରାଦ ହୋଇ ଅର୍ଥ ଖର୍ଚ୍ଚ ହୋଇ ନାହିଁ। ୨୦୧୯ ମସିହାରେ କୃଷି ସମ୍ପ୍ରସାରଣରେ ୧୪୧ କୋଟିର ବଜେଟ୍‌ରୁ ୫୮ କୋଟି ଖର୍ଚ୍ଚ ହୋଇଥିଲା। କିନ୍ତୁ ପରବର୍ତ୍ତୀ ବର୍ଷମାନଙ୍କରେ ଏଥିପାଇଁ ଟଙ୍କା ବ୍ୟବସ୍ଥା ହେଲା ନାହିଁ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଚାଷୀଙ୍କ ପ୍ରତି ଏଭଳି ଆଭିମୁଖ୍ୟ ରଖିଲେ ଚାଷ ଏବଂ ଚାଷୀ ସଙ୍କଟର କିଭଳି ସମାଧାନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଥାଉକି, ଯେଉଁ କିଛି ପ୍ରସଙ୍ଗ ଚାଷୀମାନଙ୍କୁ ବ୍ୟଥିତ କରୁଛି ତାହା ହେଲା- ଏମିତି କେତେ ବିଳମ୍ବରେ ଟଙ୍କା ଆସିଲା ଯେ ଖର୍ଚ୍ଚ ହୋଇପାରିଲା ନାହିଁ? ଟଙ୍କା ବିଳମ୍ବରେ ଆସୁଥିବା ନେଇ ରାଜ୍ୟସରକାର ଆପତ୍ତି କରୁନାହାନ୍ତି କାହିଁକି? ନା ରାଜ୍ୟ ସରକାର ନିଜ ଦୋଷକୁ କେନ୍ଦ୍ର ଉପରେ ଲଦୁଛନ୍ତି। ଏସବୁର ତଦନ୍ତ ହେବା ଜରୁରୀ।

## ବିକଶିତ ରାଷ୍ଟ୍ରଲାଗି ଦୁର୍ନିତୀମୁକ୍ତ ଭାରତ ଗଠନର ଆହ୍ୱାନ

ଜଳେଶ୍ୱର,୦୬/୧୧ (ନି.ପ୍ର): ଦୁର୍ନିତୀମୁକ୍ତ ଭାରତ ଗଠନ ସପ୍ତାହ ଅବସରରେ ଜଳେଶ୍ୱର ବ୍ଲକ ଗୋବରଘଟା ପଂଚାୟତରେ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭିଏଲ୍‌ଡବ୍ଲୁ ସିଲୁ କୁମାର ସାହା, ଜିଆର୍‌ଏସ୍ ଶକ୍ତିଧର ଘୋଷ ଯୋଗଦେଇ ପୃଥିବୀରେ ଯେଉଁ ଦେଶ ଯେତେ ଦୁର୍ନିତୀମୁକ୍ତ ସେ ଦେଶ ସେତେ ବିକଶିତ ହୋଇ ପାରିଛି ବୋଲି କହିଥିଲେ । ସରପଂଚ ମିନତୀ କର ଯୋଗ ଦେଇ ରାଜ୍ୟ ତଥା ଦେଶରେ ଦୁର୍ନିତୀ ବଢି ବଢି ଚାଲୁଥିବାରୁ ଏହା ଭବିଶ୍ୟତ ନାଗରିକଙ୍କ ଲାଗି ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଂଚାୟତର ଆଶା କର୍ମୀ, ଅଂଗନୱାଡି କର୍ମୀ ଓ ୱାର୍ଡ ସଭ୍ୟ/ସଭ୍ୟା, ଜନସାଧାରଣ ଯୋଗଦେଇ ଦୁର୍ନିତୀମୁକ୍ତ ସମାଜ ଗଠନ ଲାଗି ଶପଥପାଠ କରିଥିଲେ ।

## ବାଲେଶ୍ୱରର ଯୁବନେତାଙ୍କ ଦୁଇଟି କିଡ଼ନୀ ଅଚଳ : ସହଯୋଗର ହାତ ବଢ଼ାଇଲେ ଦେବାଶିଷ ସେଠୀ ସ୍ମୃତି କମିଟିର କର୍ମକର୍ତ୍ତା

ବାଲେଶ୍ୱର,୦୬/୧୧ (ନି.ପ୍ର): ବିଜୁ ଜନତା ଦଳର ଅନ୍ୟତମ ଯୁବନେତା ଭାରତ ଭୂଷଣ ଦାସ (ଦୀପୁ) ଆଜି ଅସୁସ୍ଥ । ତାଙ୍କର ଦୁଇଟି ଯାକ କିଡ଼ନୀ କାମ କରୁନଥିବା ବେଳେ ଡାକ୍ତରଙ୍କ ପରାମର୍ଶ କ୍ରମେ କିଡ଼ନୀ ପ୍ରତ୍ୟାରୋପଣ ବା ଟ୍ରାନ୍ସପ୍ଲାଂଟ ହିଁ ଏବେ ବିକଳ୍ପ ହୋଇପଡିଛି । ଏଥିପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ରହିଥିବା ବେଳେ ଦୀପୁ ଉପାୟଶୂନ୍ୟ ଭାବେ ସହାୟତାକୁ ଅପେକ୍ଷା କରି ରହିଛନ୍ତି । ନିଜର ସଂଚିତ ଅର୍ଥ କିଡନୀ ରୋଗ ନିରୂପଣ ପରେ ଆବଶ୍ୟକୀୟ ପରୀକ୍ଷା ନୀରିକ୍ଷା ଓ ଚିକିତ୍ସାରେ ସାରି ଦେଇଥିବା ବେଳେ ଏବେ ସେ ଅର୍ଥଶୂନ୍ୟ । ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ମିଳିଥିଲେ ବି କୋଲକାତାର ଆର ଏନ ଟାଗୋର ଇନ୍‌ଷ୍ଟିଚ୍ୟୁଟ ଅଫ କାରଡିଆକ ସାଇନ୍ସରେ କିଡ଼ନୀ ପ୍ରତ୍ୟାରୋପଣ ଅପରେସନ ପାଇଁ ଆବଶ୍ୟକ ୩୦ଲକ୍ଷରୁ ଅଧିକ ଟଙ୍କା । ତେବେ ନିଜ ପାଖରେ ସମ୍ବଳ ନଥିବା ସତ୍ୱେ ଜୀବନ ବଂଚାଇବା ଦୀପୁ ସହାୟତା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ଏଥିରେ ତାଙ୍କ ପରିବାର ଓ ବନ୍ଧୁ ବର୍ଗ ସାଙ୍ଗସାଥିମାନେ ମଧ ଅଂଟା ଭିଡ଼ିଛନ୍ତି, ଯେମିତି ହେଲେ ଦୀପୁ ସମ୍ପୂର୍ଣ୍ଣ ସୁସ୍ଥ ହେବ ଓ ତାଙ୍କ ପରିବାର ମୁହଁରେ ପୁଣି ଥରେ ହସ ଫୁଟିବ । ଏହି କ୍ରମରେ ଦୀପୁଙ୍କୁ ସହାୟତାର ହାତ ବଢାଇଛନ୍ତି ବାଲେଶ୍ୱରର ଦେବାଶିଷ ସେଠୀ ସ୍ମୃତି କମିଟିର କର୍ମକର୍ତ୍ତାମାନେ ।

# ଦୋକାନ ଘରକୁ ନେଇ ତୁମ୍ବି ତୋଫାନ୍

ନୀଳଗିରି,୦୬/୧୧ (ନି.ପ୍ର): ୧୯ନଂ. ରାଜ୍ୟ ରାଜପଥ ସଜନାଗଡ଼ ବଜାରରେ ଥିବା ସରକାରୀ ଜାଗାକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରି ଭଡ଼ା ସୂତ୍ରରେ ଦେଇ ରୋଜଗାର କରୁଥିଲା ବେଳେ ଆଉ କିଏ ନିଜର ପରିବାର ଅଭାବ ଅନାଟନ ଦୂର କରିବା ପାଇଁ ଛୋଟ ବଡ଼ ଦୋକାନ କରିଛି । ଉକ୍ତ ବଜାରରେ ଥିବା ପୂଜା ମଣ୍ଡପ ନିକଟରେ ଜବର ଦଖଲ ହୋଇଥିବା ଏକା ଦୋକାନରୁ ଜଣେ ଦୋକାନୀର ସାମଗ୍ରୀକୁ ଜୋର ଜବରଦସ୍ତ ଫିଙ୍ଗି ବାହାର କରିଦେବା ଘଟଣାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ଶେଷରେ ଘଟଣାଟି ନୀଳଗିରି ଥାନାରେ ପହଂଚୁଛି । ରାଜେନ୍ଦ୍ରପୁର ଗ୍ରାମର ଅଶ୍ୱିନ କୁମାର ବିଶ୍ୱାଳ ଉକ୍ତ ଗ୍ରାମର ରବିନ୍ଦ୍ର କୁମାର ନାଏକଙ୍କ ଠାରୁ ଗତ ୨୦୨୧ ଏପ୍ରିଲ ୭ ତାରିଖ ଏଗ୍ରିମେଂଟ କରାଇ ତାଙ୍କ ଠାରୁ ସଜନାଗଡ଼ ବଜାରରେ ଥିବା ଏକ ଦୋକାନ ଗୃହ ନେଇଥିଲେ । ଏ ନେଇ ଅଶ୍ୱିନ ବିଶ୍ୱାଳ ପ୍ରତିମାସ ଘରଭଡ଼ା ପ୍ରାପ୍ୟ ରବିନ୍ଦ୍ର ନାୟକଙ୍କୁ ଦେଇ ଆସୁଥିଲେ । କିଛି ମାସ ଦୋକାନ କଲା ପରେ ଉକ୍ତ ଦୋକାନ ଗୃହଟିକୁ ଛାଡ଼ିବା ପାଇଁ ରବିନ୍ଦ୍ର ନାଏକ ତାଙ୍କୁ ସୂଚନା ଦେଇଥିଲେ । ମାତ୍ର ଜଣେ ଶିକ୍ଷିତ ବେକାର ଯୁବକ ଦୋକାନ ଛଡ଼ାଇ ନେବା ପରେ ପରିବାର ଭରଣପୋଷଣ ପାଇଁ ବହୁ ଅସୁବିଧାର ସମ୍ମୁଖ ହେବାକୁ ପଡ଼ିବ ଭାବି ରବିନ୍ଦ୍ରକୁ ବହୁ କାକୁତି ବିନତୀ ହୋଇଥିଲେ । ମାତ୍ର ରବିନ୍ଦ୍ର ବାରମ୍ଵାର ଦୋକାନ ଛାଡ଼ିବା ପାଇଁ ତାଗିଦ୍ କରୁଥିଲେ । ଅଶ୍ୱିନୀ ଦୋକାନ କରିଥିବା ଗୃହଟି ସରକାରୀ ଜାଗାରେ ନିର୍ମାଣ ହୋଇଥିବାର ଜାଣି ନିଜ ନାମରେ ଏଲ.ଇ. କେସ୍ ହେବାରୁ ସରକାରଙ୍କୁ ଜୋରିମାନା ମଧ ପୈଠ କରିଥିଲେ । ଏହି ଦୁର୍ଘଟଣା ରବିନ୍ଦ୍ର ନାଏକ ଜାଣିବା ପରେ ଗତ ଶନିବାର ଦିନ କିଛି ମହିଳା ଓ ଅଂଚଳବାସୀଙ୍କୁ ନେଇ ଅଶ୍ୱିନୀ ଦୋକାନ ଘରେ ଥିବା ସମସ୍ତ ସାମଗ୍ରୀକୁ ଜୋର ଜବରଦସ୍ତ ବାହାରକୁ ଫିଙ୍ଗି ଦେଇଥିଲେ । ଏପରିକି ତାଙ୍କୁ ଠେଲା ପେଲା କରିବା ସହ ଧମକ ମଧ ଦେଇଥିଲେ । ଏ ନେଇ ଶ୍ରୀ ବିଶ୍ୱାଳ ନୀଳଗିରି ଥାନା ଏକ ଅଭିଯୋଗ କରିଥିବା ଜଣାଯାଇଛି । ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ସରକାରୀ ଜାଗାକୁ ଜବରରଦଖଲ କରି ଦୋକାନ ଘର ନିର୍ମାଣ କରି ଭଡ଼ା ସୂତ୍ରରେ ଲଗାଉଥିବା ଘଟଣାରେ ନୀଳଗିରି ଉପଜିଲ୍ଲାପାଳ ଓ ନୀଳଗିରି ତହସିଲଦାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି । ଏ ସମସ୍ତ ଘଟଣାକୁ ରବିନ୍ଦ୍ର କୁମାର ନାଏକ ଖଣ୍ଡନ କରିଛନ୍ତି ।

## ଓଡ଼ିଶା ଡ୍ରାଇଭର ମହାସଂଘ ମୋ ପରିବାର ପକ୍ଷରୁ ସମାବେଶ ଅନୁଷ୍ଠିତ



ନୀଳଗିରି,୦୬/୧୧ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘ ମୋ ପରିବାର ପକ୍ଷରୁ ଏକ ବିଶାଳ ସମାବେଶ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ଅଯୋଧା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ମାସ ଧରି ଡ୍ରାଇଭର ମାନଙ୍କର ନାର୍ଯ୍ୟଦାବୀ ପାଇବା ଉଦ୍ଦେଶ୍ୟରେ ରାଜ୍ୟସରକାରଙ୍କୁ ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ ଚେତାବନୀ ଦେଇ ଆସୁଥିଲା ବେଳେ ରାଜ୍ୟ ସରକାର ଡ୍ରାଇଭର ମାନଙ୍କ ପାଇଁ କୌଣସି ସୁବିଧା ସୁଯୋଗ ଦେଇ ନାହାନ୍ତି । ଏଥିପାଇଁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦଣ୍ଡ ପ୍ରଣାମ କରି ନବୀନ ନିବାସ ଯିବେ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ହରିହର ଘଡ଼େଇ ପ୍ରକାଶ କରିଛନ୍ତି । ଉକ୍ତ ସମାବେଶରେ ଡ୍ରାଇଭର ମାନଙ୍କର ପରିବାର ଲୋକେ ସାମିଲ ହୋଇଥିଲେ । ଉକ୍ତ ସମାବେଶରେ ବାଲେଶ୍ୱର ଜିଲ୍ଲା ସଭାପତି, ଉପସଭାପତି ଯୋଗ ଦେଇଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପଂଚାୟତ ଏଡ଼ମିନ୍ ଓ ସଦସ୍ୟମାନେ ଯୋଗ ଦେଇଥିଲେ । ଆଗାମୀ ଦିନରେ ରାଜ୍ୟ ସରକାର ଡ୍ରାଇଭର ସମାଜର ଦୁଃଖ ନ ବୁଝନ୍ତି ତେବେ ଷ୍ଟେରିଂ ଛାଡ଼ ଆନ୍ଦୋଳନ କରିବା ସହ ଆଗାମୀ ୨୦୨୪ ନିର୍ବାଚନରେ ଡ୍ରାଇଭର ମାନଙ୍କରର ପରିବାରର ସଦସ୍ୟମାନେ ଭୋଟ ବର୍ଜନ କରିବେ ବୋଲି ଉକ୍ତ ସମାବେଶରେ ଚେତାବନୀ ଦେଇଛନ୍ତି ।

## ସାମାଜିକ ସଂଗଠନ ପକ୍ଷରୁ ଝୋଟି ଓ ମୁରୁଜ ପ୍ରତିଯୋଗିତା

ଜଳେଶ୍ୱର,୦୬/୧୧ (ନି.ପ୍ର): ଓଡିଶାର ସଂସ୍କୃତି, କଳା, ପରମ୍ପରାକୁ ଋଦ୍ଧିମନ୍ତ କରିବାଲାଗି ବିଶ୍ୱାସ ସାମାଜିକ ସଂଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବରଡିହା ପଂଚାୟତର ଭୋଲ ଗ୍ରାମଠାରେ ସଂଗଠନ ପକ୍ଷରୁ ଶନିବାରଦିନ ଏକ ଝୋଟି ଓ ମୁରୁଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସଂଗଠନର ସାଧାରଣ ସଂପାଦକ ସଂଗ୍ରାମ କେଶରୀ ପରିଡା ଯୋଗ ଦେଇ ବୈଜ୍ଞାନିକ ଜ୍ଞାନ କୌଶଳ ଆଗରେ ଓଡିଶାର ସଂସ୍କୃତି, କଳା ଓ ପରମ୍ପରା ଦିନକୁ ଦିନ କମିବାରେ ଲାଗୁଥିବାରୁ ଏହାକୁ ଉଦ୍‌ଜିବୀତ ଲାଗି ଏହା ପ୍ରୟାସ ବୋଲି କହିଥିଲେ । ଏଥିରେ ୫୦ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗନେଇଥିବା ବେଳେ ମୌସୁମୀ ମାହାନ୍ତ ପ୍ରଥମ, ବେବିନା ମହାନ୍ତ ଦ୍ୱିତୀୟ ଓ ସ୍ନେହଲତା ମାହାନ୍ତ ୩ୟ ହୋଇ ପୁରସ୍କୃତ ହୋଇଥିଲେ । ସଂଗଠନର ସୁମିତ ଚାନ୍ଦ, ବ୍ରଜକିଶୋର ଗିରି, ଚନ୍ଦନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## କ୍ରିତୀମୟୀ ପତିଙ୍କ ସଫଳତା

କେନ୍ଦ୍ରାପଡ଼ା,୦୬/୧୧ (ନି.ପ୍ର): କେନ୍ଦ୍ରାପଡ଼ା ପୌରସଂସ୍ଥା ଅନ୍ତର୍ଗତ ତଳବାରଙ୍ଗ ଗ୍ରାମରେ ଥିବା ସରକାରୀ ଉପ୍ରା ବିଦ୍ୟାଳୟର କ୍ରିତୀମୟୀ ପତି ଚତୁର୍ଥ ଶ୍ରେଣୀ ଛାତ୍ରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୨ରେ କନିଷ୍ଠ ବର୍ଗର କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୧୪ ନଭେମ୍ବର ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । କ୍ରିତୀମୟୀ ପତି ତଳବାରଙ୍ଗ ଗ୍ରାମର ଶିବାଶିଷ ପତିଙ୍କ କନ୍ୟା ଅଟନ୍ତି । ତାଙ୍କର ଏହି କୃତିତ୍ୱ ଫଳରେ ତଳବାରଙ୍ଗ ଗ୍ରାମର ଗ୍ରାମାବସୀ ସମେତ ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବଧେଇ ଜଣାଇଛନ୍ତି । ରାଜ୍ୟରେ ହେବାକୁ ଥିବା ସୁରଭିରେ ଉନ୍ନତିର କାମନା କରିଛନ୍ତି ।

## ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ସୋର,୦୬/୧୧ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ (ତା ୩୧/୧୦/୨୨ରିଖରୁ ତା ୦୬/୧୧/୨୨ରିଖ) ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ସର୍ବ ପ୍ରଥମେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ଏବଂ ଛାତ୍ରଛାତ୍ରୀମାନଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାଧୁତା, ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଇତ୍ୟାଦି ହୋଇଥିଲା । ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଡକ୍ଟର ସମ୍ବିତ କୁମାର ପରିଡ଼ା, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ରଞ୍ଜିତାବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ସଫଳ ଭାବରେ ପରିଚାଳନା କରିଥିଲେ । ଅବଶେଷରେ ଶ୍ରୀମତୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦି ପେପରମ୍ୟାନ ପ୍ରାମାଣିକ ଚଳଚ୍ଚିତ୍ରର ଶୁଭାରମ୍ଭ କାର୍ଯ୍ୟକ୍ରମ




ବାଲିପାଟଣା, ୦୬/୧୧ (ନି.ପ୍ର): ଆନ୍ତର୍ଜାତୀୟ ସମ୍ମାନପ୍ରାପ୍ତ ନିର୍ଦ୍ଦେଶକ ଶେଖ୍ ଗୁଲଜାର ଙ୍କ ନିର୍ଦ୍ଦେଶିତ ଦି ପେପରମ୍ୟାନ ର ଶୁଭାରମ୍ଭ ନିମନ୍ତେ ଆଜି ପୂର୍ବାହ୍ନ ରେ ବାଲିପାଟଣା ସ୍ଥିତ ବାଗଦେବି ବିଦ୍ୟାମନ୍ଦିର ସଭାଗୃହରେ ଏକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ପ୍ରଯୋଜକ ଜ୍ୟୋତି ପ୍ରକାଶ ମିଶ୍ରଙ୍କ ଅଧକ୍ଷତାରେ ଏହି ସଭାରେ ଅତିଥି ଭାବରେ ବିଶିଷ୍ଟ ସଂଳାପ ଲେଖକ ଓ ଗୀତିକାର ଅଧ୍ୟାପକ ରଜନୀ ରଞ୍ଜନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା, ଶିଶୁ ଅନନ୍ତ ସ୍ମୃତି ସଂସଦ ର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ଗିନିସ ବୁକ୍ ଅଫ୍ ରେକର୍ଡସ୍ ରେ ଖବର କାଗଜ ସଂଗ୍ରହ କରି ସ୍ଥାନିତ ହୋଇଥିବା ଶଶାଙ୍କ ଦାସ ପ୍ରମୁଖ ଯୋଗ ଦେଇଥିଲେ ।ସାମ୍ବାଦିକ ସମ୍ମିଳନୀ କୁ ସମ୍ବୋଧିତ କରି ପ୍ରଯୋଜକ ଜ୍ୟୋତି ମିଶ୍ର , ଡକ୍ୟୁମେଣ୍ଟାରୀ ଏକ ନିଛକ ଓଡ଼ିଆ ଯୁବକଙ୍କ ସଙ୍ଘର୍ଷମୟ ଜୀବନ ବୃତ୍ତାନ୍ତ ବୋଲି କହିଥିଲେ ।ଜୀବନରେ ସଫଳତା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଶଶାଙ୍କ ଦାସ ସମସ୍ତଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି ।ଏହି ଡକ୍ୟୁମେଣ୍ଟରୀ ର ସଫଳତା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ । ପ୍ରାରମ୍ଭ ରେ ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ ।ସିନେମା ଅଟୋଗ୍ରାଫି ଓ ସହ ନିର୍ଦ୍ଦେଶକ ସୁରଜ୍ ପଟ୍ଟନାୟକଙ୍କ ସହିତ ମୁଖ୍ୟ ସହଯୋଗୀ ସମରେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଦ୍ମପୁର ଉପନିର୍ବାଚନ ....

ପଦମ୍ପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାକୁ ଅପ୍‌ଡେଟ୍ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ପଦମ୍ପୁର ବିଧାନସଭା ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ପର୍ଯ୍ୟନ୍ତ ଭୋଟର ତାଲିକା ଅପ୍‌ଡେଟ୍ କରାଯାଇପାରିବ ଓ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବ ନିର୍ବାଚନଗୁଡ଼ିକର ମତଦାନ ହାରକୁ ପର୍ଯ୍ୟାଲୋଚନା କରି ଯେଉଁଠାରେ ମତଦାନ ହାର କମିଛି, ସେଠାରେ ସୁଇପ୍ (ଗଘଉଚ) ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଏହି ଆଭାସୀ ବୈଠକରେ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ, ବରଗଡ଼ ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ପଦମ୍ପୁର ସହ ବରଗଡ଼ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ, ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଆସିଷ୍ଟାଂଟ ଇଂଜିନିୟର ଇଦ୍ରିଶ ଖାନ୍ ଓ ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଧାମନଗର ଉପ-ନିର୍ବାଚନ....

ବିଜେଡି ହୁଏତ ଧରି ନେଇଥିଲା, ବିଜେଡି ଯାହାକୁ ପ୍ରାର୍ଥୀ କରିବ ଜନତା, ସେଇ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ । ହେଲେ ବିଜେଡିର ଏହି ଅତ୍ୟଧିକ ଆତ୍ମବିଶ୍ୱାସ ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଦକ୍ଷନେତୃତ୍ୱକୁ ଅଣଦେଖା କରି ଧାମନଗର ପାଇଁ ପ୍ରାର୍ଥୀ ଥୋପି ଦେବା ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିଛି । ବିଜେଡି ପାଇଁ ଧାମନଗର କେବଳ ବିଜୟର ପତିଆରା ଥିବାବେଳେ ବିଜେପି ପାଇଁ ଥିଲା ଆତ୍ମ ସମ୍ମାନର ପ୍ରଶ୍ନ । କାରଣ, ବିଷ୍ଣୁ ସେଠୀଙ୍କ ପତିଆରାକୁ ଅକ୍ଷୁର୍ଣ୍ଣ ରଖିବା ବିଜେପି ପାଇଁ ଥିଲା ବଡ଼ ଆହ୍ୱାନ । ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଶେଶ୍ୱର ଟୁଡୁ ଘନଘନ ପ୍ରଚାର କରିଥିବା ବେଳେ ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକ କେବଳ ଭର୍ଚୁଆଲ ରାଲିରେ ଧାମନଗରବାସୀଙ୍କୁ ସମ୍ବୋଧନ କରିଥିଲେ ।

### ଧାମନଗର ଉପନିର୍ବାଚନରେ....

କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଧାମନଗର ମାଟି ହେଉଛି ରାଜା ମୁକୁନ୍ଦ ଦେବଙ୍କର ବୀରତ୍ୱ ଗାଥାର ସ୍ମୃତିକୁ ସାଉଁଟି ରଖିଥିବା ମାଟି । ଏହି ଅଂଚଳର ସ୍ୱାଭିମାନୀ ଧାମନଗରବାସୀମାନେ ସର୍ବଦା ଯୋଗ୍ୟ ପ୍ରତିନିଧିଙ୍କୁ ନିର୍ବାଚିତ କରିଥା'ନ୍ତି । ସୂର୍ଯ୍ୟବଂଶୀ ସୂରଜଙ୍କ ପରି ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ନେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି ।ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଭୁବନେଶ୍ୱର ଠାରେ ରାଜ୍ୟ କାର୍ଯ୍ୟାଳୟ ଠାରେ ବରିଷ୍ଠ ନେତା, ଓଡ଼ିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳର ଉପନେତା ଦିବଙ୍ଗତ ବିଷ୍ଣୁ ଚରଣ ସେଠୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଉପନିର୍ବାଚନ : ୬ଟି ରାଜ୍ୟର....

ଆସନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଛନ୍ତି । ତେବେ ବିହାରର ମୋକାମା ଆସନରୁ ଆରଜେଡିର ନୀଲମ ଦେବୀ ବିଜୟୀ ହୋଇଛନ୍ତି । ମହାରାଷ୍ଟ୍ରର ଅନ୍ଧେରୀ ଇଷ୍ଟ ଆସନରେ ଉଦ୍ଧବ ବାଲାସାହେବ ଠାକରେ ଶିବସେନା ଗୋଷ୍ଠୀର ଶ୍ରତୁଜା ଲଟକେ ବିଜୟୀ ହୋଇଛନ୍ତି । ସେହିପରି ତେଲଙ୍ଗାନାର ମୁନୁଗୋଡ଼ରେ ଟିଆର୍‌ଏସ୍ ପ୍ରାର୍ଥୀ ଆଗୁଆ ରହିଛନ୍ତି । ଏଠାରେ ବିଜେପି ଓ ଟିଆର୍‌ଏସ୍ ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେଉଛି । ଏହି ସବୁ ବିଧାନସଭା ଆସନରେ ଉପ ନିର୍ବାଚନ ପାଇଁ ଗତ ତିନି ତାରିଖ ଦିନ ମତଦାନ ହୋଇଥିଲା ।

## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଧାମନଗର ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ସୂରଜ ସୂର୍ଯବଂଶୀଙ୍କ ବିଜୟ ନେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ. କାର୍ଯ୍ୟାଳୟରେ ବିଜୟ ଉତ୍ସବର ବାତାବରଣ ଦେଖା ଯାଇଛି । ଭୋଟ ଗଣତି ଆରମ୍ଭ ପରେ ବିଭିନ୍ନ ରାଉଣ୍ଡର ମତଗଣନାରେ ବିଜେପି ପ୍ରାର୍ଥୀ ଆଗୁଆ ରହିବା ପର ଠାରୁ କାର୍ଯ୍ୟାଳୟକୁ ଶହ ଶହ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତ୍ତା ପହଂଚି ଉତ୍ସବ ମନାଇଥିଲେ । ପାର୍ଟୀ କାର୍ଯ୍ୟକର୍ତ୍ତା ମାନେ ବିଜୟ ଖୁସିରେ ବାଣ ଫୁଟାଇ ଦୀପାବଳୀ ପରେ ଆଉ ଥରେ ଦୀପାବଳୀ ପାଳନ କରିଥିଲେ । କେବଳ ସେତିକି ନୁହେଁ ବାଜା ବଜାଇ ମଧ ସେମାନେ ନାଚିବାର ଦେଖିବାକୁ ମିଳିଥିଲା । ଦଳୀୟ ରାଜ୍ୟ ସଭାପତି ସମୀର ମହାନ୍ତି. ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭୁବନେଶ୍ୱର (ମଧ୍ୟ)ର ଦଳୀୟ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ସମେତ ଅନେକ ନେତା ଏଥିରେ ସାମିଲ ହୋଇଥିଲେ ।

## ରାଇରଙ୍ଗପୁର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ରାଇରଙ୍ଗପୁର, ୦୬/୧୧ (ନି.ପ୍ର): ରାଇରଙ୍ଗପୁର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରାଇରଙ୍ଗପୁର ଗୋଷ୍ଠି ସାଧନା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୋଟ ୨୪୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସୁରଭିର ମହକ ପ୍ରତିଯୋଗିତାରେ ୧୬ ଟି ବିଭାଗ ରହିଥିଲା । ୧୬ ଗୋଟି ବିଭାଗ ମଧ୍ୟରୁ ପ୍ରଥମ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଆଗାମୀ ଚଳିତ ୯ ନଭେମ୍ବର ୨୦୨୨ ରିଖ ଜିଲ୍ଲା ସ୍ତରୀୟର ସୁରଭି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବାରିପଦାକୁ ପଠାଯିବ ବୋଲି ଏବିଇଓ କାର୍ତ୍ତିକ ଚନ୍ଦ୍ର କାରୁଆ ପ୍ରକାଶ କରିଥିଲେ । ଉଦଘାଟନୀ ଉତ୍ସବରେ ରାଇରଙ୍ଗପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ସାଗର ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅପରାହ୍ନର ଅଧିବେସନରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ଡିଏଫଓ ନଳିନୀ କାନ୍ତ ବେହେରା ଯୋଗ ଦେଇଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଂଜନ କୁମାର ନନ୍ଦ ଓ ସମ୍ମାନୀତ ଅତିଥିଭାବେ ଏବିଇଓ କାର୍ତିକ ଚନ୍ଦ୍ର କାରୁଆ, ଏବିଇଓ ନମିତା ସେଠି ଯୋଗ ଦେଇଥିଲେ । ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୁରଭି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ସିଆରସିସି ସୁଶାନ୍ତ ପରୀକ୍ଷା, ସ୍ମୃତି ରଂଜନ ପାଣି ଓ ରବିନ୍ଦ୍ର ଚରଣ ବାରିକ୍ । ସୁରଭିର ମୁଖ୍ୟ ଆକର୍ଷଣ ସାଂସ୍କୃତିକ ପ୍ରତିଯୋଗି ଭାବେ ରାଇରଙ୍ଗପୁର ବ୍ଲକ୍ ପକ୍ଷରୁ ଗୋରୁମହିଷାଣୀ କସ୍ତୁରବା ଗାନ୍ଧୀ ବିଦ୍ୟାଳୟକୁ ଜିଲ୍ଲା ସ୍ତରୀୟ ସୁରଭି ପ୍ରିଯୋଗିତାରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION RAIRANGPUR (MAYURBHANJ)**
**E-mail ID: - eerwrairangpur@yahoo.com**

**Letter No. // Date-**
**"e" Procurement Notice for Building Works**
**Bid Identification No - RWDRRP - 12/2022-23**

1. Name of the work : **Special repair of building under RWD, Rairangpur in the district of Mayurbhanj for the year 2022-23**
2. Estimated Cost : **From Rs. 2.46 to 4.10 lakhs (approximately).**
3. Class of Contractor : **"D" & "C" Class or relevant Class of works license.**
4. Period of Completion : **01 (One calendar months)**
5. Tender Paper Cost : **Rs 2000/-**

The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in o/o S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **S.E.R.W Division, Rairangpur.** | **RWDRRP-12/2022-23** | **14.11.2022 at 11.00 A.M.** | **23.11.2022 up to 5.00 P.M.** | **22.11.2022 up to 5.00 P.M.** | **24.11.2022 at 11.30 A.M.** |

Further details can be seen from the website www.tendersodisha.gov.in

**-Sd-**
**Er. D. Behera**
**Superintending Engineer**
**R.W. Division, Rairangpur**

**OIPR : 25107/11/0017/2223**

## ନବାଗତଙ୍କୁ ଶିକ୍ଷା ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ଉଦଳା,୦୬/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ଅଧିନରେ ନୂଆସାହି ସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟରେ +୩ ଶିକ୍ଷା ବିଭାଗରେ ନାମ ଲେଖାଇଥିବା ନବାଗତ ଶିକ୍ଷାର୍ଥୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରା ଉକ୍ତ ଉତ୍ସବରେ ସଭାପତିତ୍ୱ କରି ନବାଗତ ମାନଙ୍କୁ ମହାବିଦ୍ୟାଳୟର ଇତିହାସ, ନୀତି ନିୟମ, ସମ୍ପର୍କରେ ସୂଚନା ଦେବା ସହିତ ଶିକ୍ଷା ବିଭାଗର ଶିକ୍ଷାର୍ଥୀ ମାନେ ମହାବିଦ୍ୟାଳୟକୁ ଆଗକୁ ନେବାରେ ମୁଖ୍ୟ ଭୂମିକା ନିୟନ୍ତୁ ବୋଲି ବ୍ୟକ୍ତ କରିଥିଲେ । +୨ ବିଭାଗର ଅଧକ୍ଷ ଡ. ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ବଂଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା ଅପରିହାର୍ଯ୍ୟ ଅଟେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଇତିହାସ ବିଭାଗର ଅଧାପକ ବିଭୁ ରଂଜନ ବିଶ୍ୱାଳ, ସଂଜୟ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମଗ୍ର ଜୀବନ ହିଁ ଶିକ୍ଷା ବୋଲି କହିବା ସହ ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ଶିକ୍ଷାର ପରିସର କିପରି ବ୍ୟାପକ ଅବଗତ କରାଇଥିଲେ । ଏହାପରେ ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ରଛାତ୍ରୀ ମାନେ ନବାଗତ ଭାଇ ଭଉଣୀ ମାନଙ୍କୁ ଚନ୍ଦନ ଓ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ଆୟୋଜକ ଶିକ୍ଷା ବିଭାଗର ମୁଖ୍ୟ ଡ. ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଓ ଅଧ୍ୟାପିକା ନମିତା ବେହେରା ଦେଶ ଗଠନରେ ଶିକ୍ଷାର ଆବଶ୍ୟକତା କେତେ ଅଧିକ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଶେଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚୁମ୍‌କୀ ରାଣୀ, ପ୍ରଭାସିନୀ, ଜ୍ୟୋତି, ଅନ୍ନପୂର୍ଣ୍ଣା, ତାପସ, ରାଜଶ୍ରୀ, ସୌମ୍ୟା, ନିବେଦିତା, ଦିପ୍ତିରଂଜନ ପ୍ରମୁଖ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଡ୍ରେମନଷ୍ଟ୍ରେଟର ଭାନୁମତି ରାଉଦ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# 'ପିଏକ୍ସଇ' ପ୍ରତିଷ୍ଠା ଦିବସ ଉପଲକ୍ଷେ ମିନି ମାରାଥନ ଓ ସ୍ୱଚ୍ଛତା ଅଭିଯାନ

ବାଲେଶ୍ୱର,୦୬/୧୧ (ନି.ପ୍ର): ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ ଅନ୍ତର୍ଗତ 'ପ୍ରୁଫ ଏଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ', (ପିଏକ୍ସଇ)ର ୧୨୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭାଗ ପକ୍ଷରୁ ଏକ ମିନି ମାରାଥନ ଏବଂ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳେ ଆୟୋଜିତ ଏହି ଗଣଦୌଡ଼କୁ 'ପିଏକ୍ସଇ'ର ନିର୍ଦ୍ଦେଶକ ଡି କେ ଜୋଶୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରତିରକ୍ଷା ପରୀକ୍ଷଣ କ୍ଷେତ୍ରରେ ୧୨୭ ବର୍ଷ ତଳେ ସ୍ଥାପିତ 'ପିଏକ୍ସଇ' ସଂସ୍ଥା ଗୁଣାତ୍ମକ ସେବା ଦ୍ୱାରା ଏହା ସମଗ୍ର ବିଶ୍ୱରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି ବୋଲି ଶ୍ରୀ ଜୋଶୀ ମତ ପ୍ରକାଶ କରିଥିଲେ । ତେବେ ଦେଶରେ ପ୍ରତିରକ୍ଷା ପାଇଁ ଆବଶ୍ୟକ ଯୁଦ୍ଧାସ୍ତ୍ର ତଥା ଯନ୍ତ୍ରପାତି ନିର୍ମାଣ ଏବଂ ପରୀକ୍ଷଣ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳ ମାଧ୍ୟମରେ କରାଯିବା ଦ୍ୱାରା ସରକାରଙ୍କ 'ମେକ ଇନ ଇଣ୍ଡିଆ' ଅଭିଯାନରେ ଏହି ପିଏକ୍ସଇ ଉଲ୍ଲେଖନୀୟ ଅବଦାନ ଦେଇପାରିଛି ବୋଲି ସେ କହିଥିଲେ । ଆଗାମୀ ଦିନରେ ବି ଏହି ସଂସ୍ଥା ତାର ଗୌରବ ଅତୁଟ ରଖିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ମାରାଥନ ବାଲେଶ୍ୱର ଷ୍ଟେସନ ଛକ ସ୍ଥିତ ପିଏକ୍ସଇ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା ସହିତ ରେଳ ଷ୍ଟେସନ ନିକଟରେ ପହଂଚିଥିଲା । ଲେଫ୍ଟନାଂଟ କର୍ଣ୍ଣେଲ ଗୁଣାକର ବାରିକଙ୍କ ନେତୃତ୍ୱରେ ପିଏକ୍ସଇର ଶତାଧିକ ଅଧିକାରୀ ଏବଂ କର୍ମଚାରୀ ଏହି ମାରାଥନରେ ଅଂଶଗ୍ରହଣ ସହିତ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ସଚେତନତା କରାଇଥିଲେ । ସେମାନେ ବିଭିନ ପ୍ଲାକାର୍ଡ ପ୍ରଦର୍ଶନ ମାଧ୍ୟମରେ ସହରବାସୀଙ୍କୁ ସ୍ୱଚ୍ଛତା ଏବଂ ନିଜ ଅଂଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ନିମନ୍ତେ ପରାମର୍ଶ କରାଇଥିଲେ । ଏହି ଅବସରରେ ପିଏକ୍ସଇର ଅଧିକାରୀ ଏବଂ କର୍ମଚାରୀମାନେ ରେଳ ଷ୍ଟେସନ ଠାରେ ସ୍ୱଚ୍ଛତା ଅଭିଯାନରେ ସମଗ୍ର ଅଂଚଳର ସଫେଇ କରିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ଆୟୋଜନ ଭଳି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସମ୍ପର୍କରେ ବୈଜ୍ଞାନିକ ଡକ୍ଟର ହିମାଂଶୁ ଶେଖର ପଣ୍ଡା ସୂଚନା ଦେଇଥିଲେ ।

## ସାରକୋଣାରେ ରକ୍ତଦାନ ଶିବିର, ୮୪ୟୁନିଟ ରକ୍ତ ସଂଗ୍ରହ

ଖଇରା,୦୬/୧୧ (ନି.ପ୍ର): ଓଡିଶା ମୋ ପରିବାର ଆନୁକୂଲ୍ୟରେ ବିଜେଡିର ୨୫ବର୍ଷ ପୂର୍ତ୍ତୀ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ୟୁପି ସ୍କୁଲ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୮୪ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିବା ସହ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଜୀବନ ବିନ୍ଦୁ ସଂଯୋଜକ ପ୍ରହଲ୍ଲାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ଯୁବନେତା ମୁକେଶ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନିଲ କୁମାର ଦାସ, ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ ସିଆରସିସି ଲକ୍ଷ୍ମଣ କୁମାର ସେନ ପ୍ରମୁଖ ସହଯୋଗ କରିଥିଲେ ।

## ଗୋଲା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଅମନ ଗିରି ବିଜୟୀ

ଲକ୍ଷ୍ନୌ,୦୬/୧୧ (ନି.ପ୍ର): ଉତର ପ୍ରଦେଶର ଲଖୀମପୁର ଜିଲ୍ଲାର ଗୋଲା ଗୋକର୍ଣ୍ଣନାଥ ବିଧାନସଭା ଉପନିର୍ବାଚନର ଭାଜପା ପ୍ରାର୍ଥୀ ଅମନ ଗିରି ବିଜୟୀ ଘୋଷିତ ହୋଇଥିଲେ। ଭାଜପା ଆଶାୟୀ ଅମନ ଗିରି ଏଠାରେ ସମାଜବାଦୀ ପାର୍ଟି(ସପା)ର ବିନୟ ତିୱାରୀଙ୍କୁ ହରାଇଛନ୍ତି। ଭାଜପାର ଅମନ ଗିରିଙ୍କୁ ଏକ ଲକ୍ଷ ୨୪ ହଜାର ୮୧୦ ଏବଂ ସପାର ବିନୟ ତିୱାରୀଙ୍କୁ ୯୦ ହଜାର ୫୧୨ ମତ ପ୍ରାପ୍ତ ହୋଇଛି। ଜିତିବା ପରେ ଅମନ ଗିରି କହିଛନ୍ତି ଯେ ମୁଁ ଭାଜପା ସଂଗଠନ ଏବଂ ଗୋଲା ବିଧାନସଭାର ସମସ୍ତ ଭୋଟର ଏବଂ ଭାଜପା କାର୍ଯ୍ୟକର୍ତାଙ୍କୁ ବହୁତ ବହୁତ ଧନ୍ୟବାଦ ଦେବାକୁ ଚାହେଁ। ସେ କହିଛନ୍ତି ମୁଁ ମୋ ପିତାଙ୍କ ସ୍ୱପ୍ନକୁ ପୂରା କରିବାର କାମ କରିବି।

## ଆସନ୍ତା ୮ ରୁ ବାଲେଶ୍ୱରରେ କଂଗ୍ରେସର ଭାରତ ଯୋଡ଼ ଯାତ୍ରା

ବାଲେଶ୍ୱର,୦୬/୧୧ (ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀରୁ କାଶ୍ମୀର ଯାଏଁ ଚାଲିଥିବା ଭାରତ ଯୋଡ଼ ଯାତ୍ରାର ଓଡ଼ିଶା ସଂସ୍କରଣ ଗତ ୩୧ ଅକ୍ଟୋବରରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରୁ ଆରମ୍ଭ ହୋଇଛି । ଏହି ଯାତ୍ରା ଆସନ୍ତା ନଭେମ୍ବର ୮ ତାରିଖରେ ଭଦ୍ରକ - ବାଲେଶ୍ୱର ସୀମା ରାଣୀତାଲ ଠାରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ପଦଯାତ୍ରାକୁ ବାଲେଶ୍ୱର ଜିଲ୍ଲାକୁ ସ୍ୱାଗତ ସହ ଜିଲ୍ଲାରେ ପରିକ୍ରମା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ୮ ତାରିଖରେ ଏହି ଯାତ୍ରା ବାଲେଶ୍ୱର ପ୍ରବେଶ କରିବା ପରେ ସୋର, ବାହାନଗା ଅତିକ୍ରମ କରି ୯ ତାରିଖ ଦିନ ସନ୍ଧ୍ୟାରେ ବାଲେଶ୍ୱର କୁରୁଡ଼ା ଠାରେ ରାତ୍ରି ବିଶ୍ରାମ କରିବେ । ୧୦ ତାରିଖ ଦିନ ଭାରତ ଯୋଡ଼ ଯାତ୍ରାର ବିଶ୍ରାମ ଦିବସ ଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲାର ବିଭିନ୍ନ ଧର୍ମାନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପୁଣି ୧୧ ତାରିଖ ଦିନ ସକାଳ ୭ ଘଟିକାରେ ଏହି ଯାତ୍ରା କୁରୁଡ଼ା ଛକ ଠାରୁ ଆରମ୍ଭ ହୋଇ ଆଇଟିଆଇ ଛକ, ପୋଲିସ ଲାଇନ ଛକ, ଷ୍ଟେସନ ଛକ, କ୍ୟାଥଲିକ ଚର୍ଚ୍ଚ, କଚେରୀ ରୋଡ, ଫାଣ୍ଡି ଛକ, ଫକୀର ମୋହନ ଗୋଲେଇ, ବସଷ୍ଟାଣ୍ଡ ଓ ନୁଆସାହି ଛକ ଦେଇ ଭୀମପୁରା ଛକଠାରେ ପହଂଚିବ । ସେଠାରେ ମଧ୍ୟାହ୍ନ ବିରତି ନେଇ ପୁଣି ଅପରାହ୍ନରେ ଯାତ୍ରା ରେମୁଣା ଗୋଲେଇ ଦେଇ ନହରପାଟଣା ଛକ ପର୍ଯ୍ୟନ୍ତ ଯିବ ।

## ବିବେକାନନ୍ଦ ସେବା ସଂସ୍ଥାନ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ଖଇରା,୦୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ଦ୍ଧନାସ୍ଥିତ ବିବେକାନନ୍ଦ ସେବା ସଂସ୍ଥାନ ପକ୍ଷରୁ ରବିବାର ଦିନ ସ୍ଥାନୀୟ ଦୁର୍ଗାମଣ୍ଡପ ଠାରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୯୦ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସୁନାମଧନ୍ୟ ଚିକିତ୍ସକ ଡା ଦାମୋଦର ପଣ୍ଡା ମୁଖ୍ୟ ଅତିଥି ,ରେଭେନ୍ସା କଲେଜର ପୂର୍ବତନ ପ୍ରଫେସର ଡଃ ଶଚ୍ଚୀନ୍ଦ୍ର ରାଉଳ ମୁଖ୍ୟବକ୍ତା,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପଦ୍ମଲୋଚନ ବିଶ୍ୱାଳ ଓ ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।



ସମ୍ବର୍ଦ୍ଧନା ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିବେକାନନ୍ଦ ସେବା ସଂସ୍ଥାର ମୁଖ୍ୟ ଅବସରପ୍ରାପ୍ତ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ । ଏହି ପ୍ରତିଭାଧାରୀଙ୍କ ମଧ୍ୟରେ ଜିଲାରେ କାର୍ଯ୍ୟରତ ସାମ୍ବାଦିକ ରାମଚନ୍ଦ୍ର ଦାସ,ଶିଶିର କୁମାର ଦାସ,ଦେବେନ୍ଦ୍ର ନାୟକ, ଉତ୍କଳବନ୍ଧୁ ପଣ୍ଡା, ବିଶ୍ୱନାଥ ସିଂଙ୍କ ସମେତ ବିଶିଷ୍ଟ କବି, ସାମ୍ବାଦିକ, ମେଡିକାଲ ଓ ଇଂଜିନିୟରିଂ ଶିକ୍ଷା ପାଇଁ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀ, କ୍ରିଡାବିତ, ସଫଳତା ହାସଲ କରିଥିବା କଲେଜ ଓ ଅଧ୍ୟାପକ, ଓପିଏସ୍‌ସି ପରିକ୍ଷାରେ ସଫଳତା ଲାଭ କରିଥିବା ମେଧାବୀ ସ୍ଥାନ ପାଇଥିବା ଜଣାଯାଇଛି ।

## ଓଡିଶା ୱାର୍କସ ଡିପାର୍ଟମେଂଟ ୱାର୍କଚାର୍ଜଡ ଓ ରେଗୁଲାର କର୍ମଚାରୀ ଆସୋସିଏସନର ଜରୁରୀ ବୈଠକ

ବାଲେଶ୍ୱର,୦୬/୧୧ (ନି.ପ୍ର): ଓଡିଶା ୱାର୍କସ ଡିପାର୍ଟମେଂଟ ୱାର୍କଚାର୍ଜଡ ଓ ରେଗୁଲାର କର୍ମଚାରୀ ଆସୋସିଏସନର ଉତର ଓଡିଶାର ତିନୋଟି ଜିଲ୍ଲାକୁ ନେଇ ଗଠିତ ବାଲେଶ୍ୱର ମଣ୍ଡଳ ଶାଖାର ଏକ ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ଅଶୋକ ଚୌଧୁରୀ ଅଧକ୍ଷତା କରିବା ସହିତ ୱାର୍କଚାର୍ଜଡ କର୍ମଚାରୀମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ବାଲେଶ୍ୱର ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲାର ୱାର୍କଚାର୍ଜଡ କର୍ମଚାରୀଙ୍କୁ ଏକକାଳୀନ ନିୟମିତ ନିଯୁକ୍ତିରେ ଅବସ୍ଥାପିତ ପାଇଁ ଅସୋସିଏସନର ଦାବୀ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ଡିଏଲଆର ରୁ ୱାର୍କଚାର୍ଜଡକୁ ଉନ୍ନୀତ ହୋଇଥିବା କର୍ମଚାରୀଙ୍କ ଅନୁମୋଦିତ ପଦକ୍ରମ ତାଲିକା ଅନୁଯାୟୀ ସେମାନଙ୍କ ଯୋଗଦାନ ତାରିଖକୁ ସ୍ଥାୟୀ ଚାକିରୀର ମାନ୍ୟତା ଭାବେ ପରିଗଣିତ କରିବା, ୱାର୍କଚାର୍ଜଡ କର୍ମଚାରୀଙ୍କ ଅବସରର ଅନୂନ୍ୟ ଗୋଟିଏ ଦନ ପୂର୍ବରୁ ସ୍ଥାୟୀର ମାନ୍ୟତା ପ୍ରଦାନ, ୱାର୍କଚାର୍ଜଡ କର୍ମଚାରୀଙ୍କ କ୍ଷେତ୍ରରେ ପୂର୍ବ ପ୍ରଚଳିତ ପେନସନ ନୀତି ଲାଗୁ, କର୍ମଚାରୀଙ୍କ ଭତା ଓ ଗ୍ରାଚ୍ୟୁଟି ପ୍ରଭୃତି ସଠିକ୍ ସମୟରେ ପ୍ରଦାନ, କିରାଣୀ ବର୍ଗର ୱାର୍କଚାର୍ଜଡ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପୂର୍ବରୁ ନୂତନ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ରଦ୍ଦ ଏବଂ ୧୦ ବର୍ଷ ଚାକିରୀ କାଳ ପୂରଣ କରିଥିବା କିରାଣୀ ବର୍ଗର କର୍ମଚାରୀ ଓ ଗ୍ରୁପ 'ଡି' ଭିତିକ ୱାର୍କଚାର୍ଜଡ କର୍ମଚାରୀଙ୍କୁ ତ୍ୱରିତ ପଦୋନ୍ନତି ପ୍ରଦାନ ପାଇଁ ଆସୋସିଏସନ ପକ୍ଷରୁ ଶ୍ରୀ ଚୌଧୁରୀ ଦାବି ଉପସ୍ଥାପନ କରିଥିଲେ । ଏହି ବୈଠକରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଆସୋସିଏସନର ଦାବି ସମୂହ ସମ୍ପର୍କରେ ଅବଗତ ହେବା ସହ ୱାର୍କଚାର୍ଜଡ କର୍ମଚାରୀଙ୍କୁ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତିକ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ନିଷ୍ପତି ନେଇଥିବା ବେଳେ ଓଡିଶା ୱାର୍କସ ଡିପାର୍ଟମେଂଟର ୱାର୍କଚାର୍ଜଡ କର୍ମଚାରୀଙ୍କ ପ୍ରତି ମଧ ଅବିଚାର ହେବ ନାହିଁ ବୋଲି ଦୃଢ ଆଶା ପ୍ରକାଶ କରିଥିଲେ ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ

ଭଦ୍ରକ,୦୬/୧୧ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମି ତରଫରୁ ଭଦ୍ରକ ମହିଳା ମହାବିଦ୍ୟାଳୟ ଠାରେ ଏକଦିବସୀୟ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏକାଡେମିର ସଭାପତି ଡ. ହୃଷିକେଶ ମଲ୍ଲିକ ଉଦ୍‌ଘାଟନୀ ସଭାର ପୌରୋହିତ୍ୟ କରି ଭଦ୍ରକ ଜିଲ୍ଲାର ସାରସ୍ୱତ ସାଧିକାଂକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଗିରିବାଳା ମହାନ୍ତି ଓ ଓଡିଶା ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଲେଖିକା ସରୋଜିନୀ ସାହୁ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗଦେଇ ଝିଅଟିଏ ହସିଲେ ଗପ ତ କାନ୍ଦିଲେ କବିତା, ଲେଖିକାଟିଏ ନାରୀବାଦୀ ନୁହେଁ ସର୍ବଦା ମାନବବାଦୀ, ସେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ କଲମ ଧରିଥାଏ । ନାରୀ ସଶକ୍ତିକରଣ ସ୍ଲୋଗାନ୍‌ର ପ୍ରାବଲ୍ୟ ସତ୍ତ୍ୱେ ଲେଖିକାଟିଏ କେବେବି ସ୍ୱାଧିନ ନୁହେଁ । ପୁରୁଷ ସହ ନାରୀର ସହଭାଗିତା ଚିର କାମ୍ୟ । ନାରୀ ପୁରୁଷର ଘନିଷ୍ଠ ବନ୍ଧୁ ଓ ସହଯୋଗୀ । ଲେଖିକାଟିଏ ତା'ର ନିର୍ଭିକ ସ୍ୱରରେ ନିଦ୍ରିତ ଈଶ୍ୱରଙ୍କ ନିଦ ଭାଙ୍ଗି ସାମାଜିକ ପରିବର୍ତ୍ତନର ସ୍ୱର ଶୁଣାଇଥାଏ ବୋଲି ସେମାନେ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସୁସାହିତ୍ୟିକା ଗୋଲାପ ମଞ୍ଜରୀ କର ଓ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଓଡିଶା ସାହିତ୍ୟ ଏକାଡେମି ସଦସ୍ୟ ପବିତ୍ର ପାଣିଗ୍ରାହୀ ଅତିଥିଙ୍କ ପରିଚୟ ଓ ପୂର୍ଣ୍ଣଚନ୍ଦ୍ର ବହଳି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ମହାବିଦ୍ୟାଳୟ ତରଫରୁ ଅତିଥିଙ୍କୁ ଅଂଗବସ୍ତ୍ର ପ୍ରଦାନ କରାଯାଇଥିଲା । ବିଜୟ ବହଳୀ ବେଦପାଠ କରିଥିଲେ । ଉଦ୍‌ଘାଟନୀ ସଭାର ଶେଷସ୍ପର୍ଶ ଦେଇଥିଲେ ଡ. ଅଭୟ ଦାସ । ଦ୍ୱିତୀୟ ଅଧିବେଶନରେ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଲେଖିକାଙ୍କ ଲେଖନୀରେ ସାମାଜିକ ପରିବର୍ତ୍ତନର ସ୍ୱର' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଏକାଡେମିର କାର୍ଯ୍ୟକାରୀ କମିଟି ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା, ବିଦ୍ୟୁତ୍‌ଲତା ଦାସ, ଡ. ରାଧା ରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର ସମ୍ମାନନୀୟ ଅତିଥି ଏବଂ ବୀଣାପାଣି ପଣ୍ଡା, ପ୍ରୀତିଲତା ପଣ୍ଡା, ଭାନୁମତୀ ମାଟିଆ ଓ ସାବିତ୍ରୀ କବି ସମ୍ମାନିତ ଆଲୋଚିକା ଭାବେ ଅଂଶଗ୍ରହଣ କରିଥିଲେ ।




## ବିଧାନସଭା ପକ୍ଷରୁ ପଣ୍ଡିତ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଓଡ଼ିଶା ବିଧାନସଭା ପରିସରରେ ବିଶିଷ୍ଟ ଚିନ୍ତାନାୟକ ତଥା ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୫ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ ଆଜି ପୂର୍ବାହ୍ନରେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଆରୁଖ ପଣ୍ଡିତ ନୀଳକଣ୍ଠଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ବର୍ଣ୍ଣନା କରି ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ, ବିଶିଷ୍ଟ ରାଜନୀତିଜ୍ଞ, ଶିକ୍ଷାବିତ୍ ଏବଂ ସମାଜସଂସ୍କାରକ ଭାବେ ଓଡ଼ିଶା ଇତିହାସରେ ସ୍ମରଣୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ, ସରକାର ଦଳ ମୁଖ୍ୟ ସଚେତକ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ମାନ୍ୟବର ବରିଷ୍ଠ ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ସାମଲ, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ବିଧାନସଭାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ନିମନ୍ତ୍ରିତ ମାନ୍ୟଗଣ୍ୟ ଅତିଥିମାନେ ବାଗ୍ମୀ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶ୍ରୀ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ନୂଆ ନିର୍ବାଚନ ସ୍ଲୋଗାନ

ନୂଆଦିଲ୍ଲୀ, ୦୬/୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଗୁଜୁରାଟରେ ଏକ ନୂତନ ନିର୍ବାଚନ ସ୍ଲୋଗାନ ଦେଇଛନ୍ତି – ଯେ, ପ୍ରତ୍ୟେକ ଗୁଜୁରାଟୀ ଗୁଜୁରାଟକୁ ବନାଇଛନ୍ତି । ମୋଦୀ କହିଛନ୍ତି ଗୁଜୁରାଟ ସେହି ବିଭେଦକାରୀ ଶକ୍ତି ଗୁଡ଼ିକୁ ବିଲୋପ କରିବ ଯେଉଁମାନେ ଗତ ୨୦ ବର୍ଷ ରାଜ୍ୟକୁ ବଦନାମ କରିଛନ୍ତି । ଗୁଜୁରାଟ ବିଧାନସଭା ନିର୍ବାନ ତାରିଖ ପରେ ପ୍ରଥମ ଥର ପାଇଁ ବିଜେପି ନିର୍ବାଚନର ସାଧାରଣ ସଭାକୁ ସମ୍ବୋଧିତ କରିବା ପାଇଁ ଭଲସାଦ ଜିଲ୍ଲାର କପରାଡ଼ାକୁ ଆସିଥିବା ମୋଦୀ ଗୁଜୁରାଟରେ ଭାଷଣ ଦେଇଛନ୍ତି । ଏହି ନିର୍ବାଚନରେ ବିଜୟର ସମସ୍ତ ରେକର୍ଡ଼ ଭାଙ୍ଗିବାରେ ସେ ରାଜ୍ୟବାସୀଙ୍କଠାରୁ ସମର୍ଥନ ଲୋଡ଼ିଥିଲେ । ଏହି ନିର୍ବାନରେ ଆମର ରେକର୍ଡ଼ ଭାଙ୍ଗିବାରେ ଆମକୁ ସାହାଯ୍ୟ କରନ୍ତୁ ବୋଲି ମୋଦୀ କହିଛନ୍ତି ।

## ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବଙ୍କ ଦୁଇଦିନିଆ ଜିଲ୍ଲା ଗସ୍ତ

ବାରିପଦା,୦୬/୧୧ (ନି.ପ୍ର): ମୟୂରଭଂଜ ଜିଲା ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଦୁଇଦିନିଆ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହିତ ସମୀକ୍ଷା କରିଥିବାର ଜଣାଯାଇଛି । ଏହି ଅବସର ରେ ବଡ଼ସାହି ବ୍ଲକ ଗସ୍ତ କରି ଜଳ ବିଭାଜିକା ବିଭାଗ ପକ୍ଷରୁ ବଡସାହି ବ୍ଲକ ବୀରେଶ୍ୱରପୁର ପଂଚାୟତ କୁଲଡିହା ଗ୍ରାମରେ ଥିବା ଚାଷୀ ତ୍ରିଲୋଚନ ବେହେରାଙ୍କ ଜମିରେ ଖୋଳା ଯାଇଥିବା ଫାର୍ମ ପଣ୍ଡକୁ ସଚିବ ଶ୍ରୀ ଦେବ ପରିଦର୍ଶନ କରିଥିଲେ । ଉକ୍ତ ଫାର୍ମ ପଣ୍ଡରେ ତ୍ରିଲୋଚନ ମଧୁର ଜଳରେ ଇଲିସି ମାଛ ଚାଷ, ଦେଶୀ ମାଛ ଚାଷ ଓ ବତକ ଚାଷ କରିଥିବା ସହିତ ଫାର୍ମ ପଣ୍ଡ ଆଡିରେ ଅମୃତଭଣ୍ଡା ଓ କଦଳୀଚାଷ କରିଛନ୍ତି । ଗୋଟିଏ ଫାର୍ମ ପଣ୍ଡରୁ ଜଣେ ଚାଷୀ କିଭଳି ଭାବେ ବହୁମୁଖି ଚାଷ ଦ୍ୱାରା ରୋଜଗାରକ୍ଷମ ସହିତ ସ୍ୱାବଲମ୍ବୀ ହୋଇପାରିଛି ସେନେଇ ସଚିବ ଶ୍ରୀ ଦେବ ତ୍ରିଲୋଚନ ଓ ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ସଚିବଙ୍କ ଏହି ଗସ୍ତ ଅବସରରେ ମୟୂରଭଂଜ ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ସାଧାରଣ ରୁଦ୍ରନାରାୟଣ ମହାନ୍ତି, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରାକର, ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ମତ୍ସ୍ୟ ସମ୍ପଦ ଅଧିକାରୀ ସୁବ୍ରତ କୁମାର ଦାସ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ରମାକାନ୍ତ ଗିରି, ଜଳ ବିଭାଜିକାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନସ୍ୱିନୀ ସାହୁ, ବଡସାହି ବିଡିଓ ଆକାଶ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବେଣୁଧର ସାହୁ, ଏପିଇଓ ସଦାଶିବ ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ତେବେ ଉକ୍ତ ଚାଷ ପ୍ରଣାଳୀକୁ ଅନୁଧାନ କରି ସଚିବ ଶ୍ରୀ ଦେବ ଖୁସି ବ୍ୟକ୍ତ କରିବା ସହିତ ଚାଷୀ ତ୍ରିଲୋଚନ ଓ ତାଙ୍କ ପରିବାରକୁ ପ୍ରଶଂସା କରିଥିବାର ଜଣାଯାଇଛି ।



## ପାରାଦୀପ ବନ୍ଦର ପକ୍ଷରୁ କ୍ୟାନସର୍ ଚିହ୍ନଟ ଶିବିର



ପାରାଦୀପ, ୦୬/୧୧ (ନି.ପ୍ର): ପାରାଦୀପ ଲେଡିଜ୍ କ୍ଲବ୍, ପାରାଦୀପ ବନ୍ଦର ଚିକିତ୍ସାଳୟ, ଏଚ୍.ସି.ଜି.ପଣ୍ଡା କ୍ୟାନସର ହସପିଟାଲ୍ ଓ ଉତ୍କଳ ହେଲ୍‌ଥ କେୟାର ପ୍ରା.ଲି., ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ରବିବାର ଦିନ ଏକ କ୍ୟାନସର ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଚିକିତ୍ସାଳୟରେ ଆୟୋଜିତ ଏହି ଶିବିରକୁ ପାରାଦୀପ ଲେଡିଜ୍ କ୍ଲବର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ ଉଦଘାଟନ କରିଥିଲେ । ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ, ଉପାଧକ୍ଷ ଏ.କେ.ବୋଷ,ଲେଡିଜ୍ କ୍ଲବ୍ ଉପାଧକ୍ଷା ସୁଚିସ୍ମିତା ବୋଷଙ୍କ ସମେତ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ଓ ଲେଡିଜ୍ କ୍ଲବ୍‌ର ସଦସ୍ୟାମାନେ ଏହି ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ । ପାରାଦୀପ ଅଂଚଳର ମହିଳାମାନଙ୍କର ଶରୀରରେ ଦେଖା ଦେଉଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ପରୀକ୍ଷା କରାଯିବା ସହିତ ତାର ପ୍ରତିକାର ସମ୍ପର୍କରେ ଚିକିତ୍ସକମାନେ ସଚେତନ କରିଥିଲେ । ଏହି ଶିବିରରେ ୭୧ ଜଣ ମହିଳାଙ୍କର ପରୀକ୍ଷା କରାଯିବା ସହିତ ୧୫ ଜଣ ମହିଳାଙ୍କର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନମନ୍ତେ ପଠାଯାଇଥିଲା । ଏହି ପରୀକ୍ଷାର ରିପୋର୍ଟ ଆସିବା ପରେ ସେମାନଙ୍କର ଚିକିତ୍ସା କିପରି ସହଜ ହେବ ସେ ଦିଗରେ କାର୍ଯ୍ୟ କରିବାକୁ ବନ୍ଦର ଅଧକ୍ଷ ଲେଡିଜ୍ କ୍ଲବ୍‌ର କର୍ମକର୍ତାମାନଙ୍କୁ ଅନୁରୋଧ କରିଥିଲେ । ପାରାଦୀପ ଲେଡିଜ୍ କ୍ଲବ୍ ସେହି ମହିଳାମାନଙ୍କୁ ଚିକିତ୍ସା ଦିଗରେ ସମସ୍ତ ସହଯୋଗ କରାଯିବ ବୋଲି ସଭାନେତ୍ରୀ ଶ୍ରୀମତୀ ଗିରିଜା ସୁନ୍ଦରୀ କହିଛନ୍ତି ।

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଉଦ୍‌ଘାଟିତ

ବାରିପଦା,୦୬/୧୧ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ପ୍ରୟାସ ହଲ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ମୟୁରଭଂଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଉଦଘାଟିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ମୟୁରଭଂଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଦୌଲତ ଚନ୍ଦ୍ରକାର, ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ କୁସୁମ ବାଳା ମିଶ୍ର, ଶିଶୁ ମଙ୍ଗଳ ସମିତିର ଅଧକ୍ଷା କୃଷ୍ଣ କଳ୍ପନା ମହାନ୍ତି ଯୋଗ ଦେଇଥିଲେ । ଶିଶୁ ମାନଙ୍କ ଭିତରେ ଲୁକ୍କାୟିତ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେରେ ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ବକ୍ତୃତା, କୁଇଜ୍ ଓ ପୋଷ୍ଟର ମେକିଙ୍ଗ ଇତ୍ୟାଦି ପ୍ରତିଯୋଗୀତା ସିନିୟର, ଜୁନିଅର ଓ ସବ ଜୁନିଅର ସ୍ତରରେ ଆୟୋଜିତ ହୋଇ ଯାଇଛି । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାମାନେ ରାଜ୍ୟ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ମମତା ମୟୀ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ, ବିଭିନ୍ନ ଶିଶୁ ସୁରକ୍ଷା ଅନୁଷ୍ଠାନର କର୍ମକର୍ତା ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ଅତିଥି ମାନେ ଶିଶୁ ମାନଙ୍କ ଆତ୍ମ ବିଶ୍ୱାସ ବଢାଇବା ଉଦେଶ୍ୟ ରେ ସେମାନଙ୍କୁ ସକାରାତ୍ମକ ଉପଦେଶ ମାଧ୍ୟମରେ ଉତ୍ସାହିତ କରିବା ସହିତ ସେମାନଙ୍କ ର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଉଦ୍ଦେଶ୍ୟରେ ଗୋପବନ୍ଧୁ ବାଳାଶ୍ରମର ଶିଶୁ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ମୟୁରଭଂଜ ଅତିରିକ୍ତ ଜିଲ୍ଲପାଳ ରୁଦ୍ର ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓରମାସ ର ଡେପୁଟି ସିଇଓ ବିମାନ ମଲ୍ଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଧା କୃଷ୍ଣ ରାଉତ ଯୋଗ ଦେଇ ପ୍ରତିଯୋଗିତାର କୃତି ଶିଶୁ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ମଧୁ ସୁଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ. ୟୁନିଟ ର ଅନ୍ୟତମ ସୁରକ୍ଷା ଅଧିକାରୀ ଅମର କୁମାର ଦେ, ପରାମର୍ଶଦାତା ଦିଲ୍ଲିପ କୁମାର ପଣ୍ଡା, ବ୍ରଜକିଶୋର ଖୁଂଟିଆ, ନରେନ୍ଦ୍ର ନାଥ ସି, ଚନ୍ଦ୍ରଶେଖର ମହାପାତ୍ର, ଶଙ୍କର ଚନ୍ଦ୍ର କର, ଶାନ୍ତଦେବ ସାମଲ, ଅଜିତ ଦେ, ଆକ୍ସନ ଆଡ଼ ର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ ଅରୁଣା ସଂଗଠନ ର ଜିଲ୍ଲା ସଂଯୋଜକ ଲିତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo